Bhubaneswar- 18 June 2026
ଭୁବନେଶ୍ୱର- ୧୮ ଜୁନ୍ ୨୦୨୬
Vol- 1 Issue - 52
ଭାଗ- ୧ ସଂଖ୍ୟା- ୫୨
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

### ପାଠ୍ୟପୁସ୍ତକ ତ୍ରୁଟି ନେଇ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ୭ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

## ତିନି ଜଣିଆ କମିଟି ଗଠିତ



**ଭୁବନେଶ୍ୱର:** ପାଠ୍ୟ ପୁସ୍ତକ ତ୍ରୁଟି ପ୍ରସଂଗରେ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧକ୍ଷତାରେ ଏହି ବୈଠକ ବସିଛି । ଏଥିରେ ତୁରନ୍ତ ତ୍ରୁଟି ସୁଧାରିବା ସହ କାର୍ଯ୍ୟାନୁଷ୍ଠାନ ଲାଗି ନିଷ୍ପତ୍ତି ହୋଇଛି। ଏନେଇ ଉନ୍ନୟନ କମିଶନରଙ୍କ ନେତୃତ୍ୱରେ ଏକ ତିନି ଜଣିଆ କମିଟି ଗଠିତ । ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ପାଇଁ କେଉଁ ଅଧିକାରୀ କିମ୍ବା ସଂସ୍ଥା ଦାୟୀ ତାହାଙ୍କୁ ଚିହ୍ନଟ କରି ୭ ଦିନରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ରିପୋର୍ଟ ଆଧାରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ବିରୋଧୀଙ୍କ ଜୋରଦାର ସମାଲୋଚନା ପରେ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଂଗ ଲୋକସେଭା ଭାବନରେ ପହଞ୍ଚିଥିଲା । ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ତୁରନ୍ତ ବୈଠକ ଡାକିଥିଲେ । ଏଥିରେ ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ, ପାଠ୍ୟପୁସ୍ତକ ପ୍ରସ୍ତୁତ ପାଇଁ ଯେତିକି ସମୟ ଆବଶ୍ୟକ ତାଠୁ ଢେର କମ୍ ସମୟରେ ପ୍ରସ୍ତୁତ ହେଲା । ଜାତୀୟ ସ୍ତରରେ ଏନ୍ସିଇଆରଟି ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାକୁ ୩ ରୁ ୪ ବର୍ଷ ଲାଗୁଛି । ଓଡ଼ିଶାରେ ଏସସିଇଆରଟି ମାତ୍ର ୬ ମାସରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଛାପିବା ପାଇଁ ପଠାଇଦେଲେ । କେବଳ ସେତିକି ନୁହେଁ, ଚୂଡ଼ାନ୍ତ ସମୀକ୍ଷା ପାଇଁ କମିଟିର ସଦସ୍ୟମାନେ ପାଠ୍ୟପୁସ୍ତକକୁ ଆଦୌ ଦେଖିନାହାନ୍ତି । ଯେଉଁମାନେ ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ନିୟୋଜିତ ହୋଇଥିଲେ ସେମାନଙ୍କୁ ଚାପ ଦିଆଯାଇ ତରତର କରି ବହି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଗଲା । ଫଳ, ହେଲା ଏଇଆ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଛପା ଯାଇଥିବା ବହିରେ ୧୬୭୮ଟି ଭୁଲ୍ ରହିଗଲା । ୨ କୋଟି ୯୮ ଲକ୍ଷ ବହି ପ୍ରସ୍ତୁତିରେ ପାଖାପାଖି ଦୁଇ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି । ବହି ଛାପିବା ପାଇଁ ଆହୁରି ୪୫ରୁ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ସତେ ଯେମିତି ଏହା ବହି ଛପା ନୁହେଁ ତ ପିଲା ଖେଳ ।

## ଓଡ଼ିଶା-ସିଙ୍ଗାପୁର ସମ୍ପର୍କ ସୁଦୃଢ଼ ହେବ

ଆଗାମୀ ଦିନରେ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ଦ୍ୱିପାକ୍ଷୀକ ସମ୍ପର୍କ ଆହୁରି ସୁଦୃଢ଼ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଆଜି ଭାରତରେ ଅବସ୍ଥାପିତ ସିଙ୍ଗାପୁରର ଉଚ୍ଚାୟୁକ୍ତ ସାଇମନ୍ ୱଙ୍ଗଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା, ଓ ପ୍ରଯୁକ୍ତି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ । ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ସହଯୋଗୀ ବୋଲି ସେ କହିଥିଲେ । ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଓ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଗତବର୍ଷ ଜାନୁଆରିରେ ସିଙ୍ଗାପୁର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ସମୟରେ ୫ଟି ବିଭାଗ ସହ ୮ଟି ଏମ୍ଓୟୁ ହୋଇଥିଲା । ସିଙ୍ଗାପୁର ନିବେଶ ପାଇଁ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥା ଗଠନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ଏଥିସହିତ ସେ ସବୁଜ ଶକ୍ତି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ ।

### ମୋଦିଙ୍କ ସହ ଦ୍ୱିପାକ୍ଷିକ ଅଲୋଚନା ପରେ ଟ୍ରମ୍ପଙ୍କ ବଡ଼ ପ୍ରତିଶ୍ରୁତି

# ଭାରତ ଉପରେ ଆକ୍ରମଣ ହେଲେ ଆମେ ସହାୟତା କରିବୁ

- ବାଣିଜ୍ୟ, ଆର୍ଥିକ ସହଭାଗିତା ଓ ଆଞ୍ଚଳିକ ସୁରକ୍ଷା ଉପରେ ଗୁରୁତ୍ୱ




**ନୂଆଦିଲ୍ଲୀ:** ସର୍ବସମ୍ମୁଖରେ ଭାରତକୁ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱରେ ଥିବା ସମୟରେ ଯଦି ଭାରତ ଉପରେ ଆକ୍ରମଣ ହୁଏ, ତା'ହେଲେ ଆମେରିକା ନିଶ୍ଚିତ ଭାବେ ସହଯୋଗ କରିବାକୁ ଆଗେଇ ଆସିବ ବୋଲି ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଜି ଜି-୭ ଶିଖର ସମ୍ମିଳନୀ ସମୟରେ ଟ୍ରମ୍ପ ଫ୍ରାନ୍ସରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏହାପରେ ସେ ମୋଦିଙ୍କ ସହ ଭଲ ଆଲୋଚନା ହୋଇଛି ଓ ଆଗକୁ ୱାଶିଂଟନ ଏବଂ ଦିଲ୍ଲୀ ରଣନୀତିକ ଦୃଷ୍ଟିରୁ ପରସ୍ପର ସହଯୋଗରେ କାର୍ଯ୍ୟ କରିବେ ବୋଲି ସଙ୍କେତ ଦେଇଛନ୍ତି । ଏହି ସମୟରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ "ଯଦି ମୋଦି ଦାୟିତ୍ୱରେ ଥିବେ ଓ ଭାରତ ଉପରେ ଆକ୍ରମଣ ହେବ, ତା'ହେଲେ ଆମେ ନିଶ୍ଚିତ ସେଠାରେ ସହାୟତା ପାଇଁ ପହଞ୍ଚିବୁ ।" ଏହାପରେ ଟ୍ରମ୍ପ ସିଧାସଳଖ ମୋଦିଙ୍କ ଆଡ଼କୁ ଇଙ୍ଗିତ କରି କହିଛନ୍ତି ଯେ "ଯଦି ଏହି ବ୍ୟକ୍ତି(ମୋଦି)ଙ୍କୁ କେହି ଆକ୍ରମଣ କରିବେ, ଆମେ ସେଠାରେ ପହଞ୍ଚିବୁ । ଏବେ, ଯଦି ସେଠାରେ ନୂଆ ନେତା କେହି ଆସିବେ, ତା'ହେଲେ ମୁଁ ସହାୟତାକୁ ନେଇ ନିଶ୍ଚିତ ନୁହେଁ ।"ଅନ୍ୟପକ୍ଷରେ ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା ବେଳେ ବାଣିଜ୍ୟ, ଆର୍ଥିକ ସହଭାଗିତା ଓ ଆଞ୍ଚଳିତ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମୋଦିଙ୍କ ବୁଝାମଣା ଦକ୍ଷତାର ପ୍ରଶଂସା କରି କହିଛନ୍ତି ଯେ "ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନାରେ ମୋଦି ଜଣେ ଦୃଢ଼ ଓ ଦକ୍ଷ ବ୍ୟବସାୟୀ । ତଥାପି ୱାଶିଂଟନ ଓ ନୂଆଦିଲ୍ଲୀ ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଆଲୋଚନା ଜାରି ରହିଛି ।" ଦ୍ୱିପାକ୍ଷିକ ଆଲୋଚନା ସମୟରେ ମୋଦି ସମୁଦ୍ରରେ କାର୍ଯ୍ୟରତ ଲକ୍ଷାଧିକ ଭାରତୀୟ ନାବିକଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା ବୋଲି ଟ୍ରମ୍ପଙ୍କୁ ଜଣାଇଛନ୍ତି । ମଧ୍ୟପ୍ରାଚ୍ୟର ବିଭିନ୍ନ ସମୁଦ୍ରରେ ଭାରତୀୟ କ୍ରୁ ସଦସ୍ୟ ରହିଥିବା ଜାହାଜ ଉପରେ ହେଉଥିବା ଆକ୍ରମଣକୁ ନେଇ ମଧ ମୋଦି ଚିନ୍ତା ପ୍ରକଟ କରିଛନ୍ତି । ମୋଦି କହିଛନ୍ତି, "ଆମେ ସବୁବେଳେ କହିଆସୁଛୁ ଯେ ସମୁଦ୍ର ପଥରେ ଅବାଧ ନୌଚଳାଚଳ ସୁନିଶ୍ଚିତ ହେବା ଦରକାର । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଲକ୍ଷାଧିକ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି । ସେମାନଙ୍କ ସୁରକ୍ଷା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଇରାନ ସହ ଆମେରିକା କରିବାକୁ ଯାଉଥିବା ଶାନ୍ତି ଚୁକ୍ତିରେ ନାବିକମାନଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ମୋର ଆଶା ।" ଏହାର ଉତ୍ତରରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଭାରତୀୟ ନାବିକମାନଙ୍କ ସୁରକ୍ଷା ପ୍ରସଙ୍ଗରେ ଆମେରିକା ନିଶ୍ଚିତ ଭାବେ ଭାରତ ସହ ମିଶି କାମ କରିବ ।

## ୯ଟି ଜିଲ୍ଲାରେ ୨୦ ମେଗା ପ୍ରକଳ୍ପକୁ ମିଳିଲା ଅନୁମୋଦନ

**ପୁରୀ :** ରାଜ୍ୟର ୯ଟି ଜିଲ୍ଲାରେ ୨୦ ମେଗା ପ୍ରକଳ୍ପକୁ ମିଳିଲା ଅନୁମୋଦନ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧକ୍ଷତାରେ ବସିଥିବା ୪୫ ତମ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକରେ ୯ଟି ଜିଲ୍ଲା ପାଇଁ ମୋଟ ୭୬ହଜାର ୬୧୧କୋଟି ୮୬ ଲକ୍ଷ ଟଙ୍କାର ୨୦ଟି ପ୍ରମୁଖ ଶିଳ୍ପ ପ୍ରକଳ୍ପକୁ ସବୁଜ ସଙ୍କେତ ମିଳିଛି । ଏହାଦ୍ୱାରା ରାଜ୍ୟରେ ୫୦ ହଜାର ୫୧୭ ନିଯୁକ୍ତି ସୃଷ୍ଟି ସୁଯୋଗ ସୃଷ୍ଟି ହେବ । ରତ୍ନପଥର, ମହାକାଶ, ପ୍ରତିରକ୍ଷା, ବିରଳ ପୃଥିବୀ ଖଣିଜ ପଦାର୍ଥ କ୍ଷେତ୍ରରେ ହେବ ପ୍ରକଳ୍ପ । ଓଡ଼ିଶାରେ ତିଆରି ହେବ ହୀରା,ଖୋର୍ଦ୍ଧା ଜିଲ୍ଲାରେ 'ଲ୍ୟାବ୍-ଗ୍ରୋନ୍' ହୀରା ଏବଂ ରତ୍ନପଥର ନିର୍ମାଣ ପାଇଁ ତିନୋଟି ବଡ଼ ସଂସ୍ଥା ମୋଟ ୯,୮୧୭.୫୦ କୋଟି ଟଙ୍କା ନିବେଶ କରିବେ । ଏହାଦ୍ୱାରା ୮,୧୦୦ ଜଣଙ୍କୁ ଚାକିରି ମିଳିବ । ଗଞ୍ଜାମ ଜିଲ୍ଲାରେ ଟାଟା ପାୱାର୍ ରିନିଉଏବଲ୍ ଏନର୍ଜି ଲିମିଟେଡ୍ ୧୦,୦୦୦ କୋଟି ଟଙ୍କା ନିବେଶରେ ଏକ ସୋଲାର୍ ଚଠ ସେଲ୍ ଏବଂ ୱେଫର୍ ନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବ, ଯାହା ୫,୦୦୦ ନିଯୁକ୍ତି ସୃଷ୍ଟି କରିବ । ସେହିପରି ସାତ୍ୱିକ ସୋଲାର୍ ଗଞ୍ଜାମରେ ୧,୭୦୯.୮୧ କୋଟି ଟଙ୍କା ନିବେଶ କରିବ ।

### ରଥ ନିର୍ମାଣର ୫୮ ତମ ଦିବସ

# ତିନିରଥର ବେଦୀ ସିଂହାସନ ନିର୍ମାଣ ଆରମ୍ଭ

- ତୃତୀୟ ଭୂଇଁରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡ଼ିଆ ଜାରି
- ଚାଲିଛି ତିନିରଥର ପାଦି କଣ୍ଟା ସହ ଚାନ୍ଦି କ୍ଲାମ୍ପ କଣ୍ଟା ନିର୍ମାଣ



**ପୁରୀ :** ଜୁଲାଇ ୧୬ ତାରିଖ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ।ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଏବେ ଚଳଚଞ୍ଚଳ । ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ବୁଧବାର ରଥ ନିର୍ମାଣର ୫୮ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ମଙ୍ଗଳବାର ସୁଦ୍ଧା ତିନି ରଥର ମୂଳ କାଇଞ୍ଚି ଚାରି ନାହାକା ଭିତର ପାର୍ଶ୍ୱ ଉଭୟ ପଟରେ ପଡ଼ିବା ସହ ତିନିରଥ ରେ ପଟା ପଡ଼ିବା ପାଇଁ ତାଗ ବାଡ଼ିଆ କାର୍ଯ୍ୟ ଏବଂ ବାକି ୧୨ ପରାସ୍ତ ପୋଟଳ ନିର୍ମାଣ କାର୍ଯ୍ୟ ଜାରୀ ରହିଥିଲା । ସାମଗ୍ରିକ ଭାବେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଆଜି ତିନିରଥର ମହାରଣା ସେବକ ଏବଂ ଭୋଇ ସେବକ ମାନଙ୍କ ମିଳିତ ସହଯୋଗରେ ତିନିରଥର ପ୍ରଥମ ଭୂଇଁ ଉଭୟ ପଟରେ କଇଞ୍ଚି ବାଡ଼ିଆ ଶେଷ ହୋଇଛି । ଏହାପରେ ଦ୍ୱିତୀୟ ଭୂଇଁ ଉଭୟ ପାର୍ଶ୍ୱରେ ଅନ୍ଧାରୀ ତାଗ ବାଡ଼ିଆ ଯାଇ ଅଗଭୁଇଁ ବା ତୃତୀୟ ଭୂଇଁରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡ଼ିଆ ଚାଲିଛି । ଭୂଇଁ ଫ୍ରେମ୍ ଗୁଡିକୁ ମଜବୁତ୍ କରି ଗଢ଼ି ତୋଳିବା ପାଇଁ ଭୂଇଁ ଫ୍ରେମ୍ ର ଉଭୟ ପାର୍ଶ୍ୱରେ କଇଞ୍ଚି ସଦୃଶ କ୍ରସ୍ କରି କାଠ ବଟନ୍ ବାଡ଼ିଆ ଯିବା ସହ ମଝି ଭୂଇଁ ଏବଂ ଅଗ ଭୂଇଁ ର ଉଭୟ ପଟରେ ଦୁଇଟି ୧୬ ଫୁଟିଆ ବଟନ୍ ପଟା ର ଉଭୟ ପଟ କାପ କରାଯାଇ ଭୂଇଁ ଫ୍ରେମ୍ ଗୁଡିକରେ ସୁରକ୍ଷା ଦୃଷ୍ଟିରୁ ବାନ୍ଧେଣି କରାଯିବ । ତିନି ରଥର ଚାରି କୋଣ ଗୁଡିକୁ ଛାଡ଼ି ତାଗ ବା ବଟନ୍ ବାଡ଼ିକା କାର୍ଯ୍ୟ ଶେଷ ପରେ ଆଜି ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ଆରମ୍ଭ ହୋଇଛି ତିନି ରଥରେ ପଟା ବାଡ଼ିଆ କାର୍ଯ୍ୟ । ଏଥିସହ ତିନି ରଥର ୧୩ ପରାସ୍ତ ପୋଟଳ ମଧ୍ୟରୁ ଷଷ୍ଠ ଏବଂ ସପ୍ତମ ପାରାଭାଡ଼ି କୁ ଛାଡି ବାକି ଖପୁରୀ ସମେତ ସମସ୍ତ ପୋଟଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଆଜି ତିନିରଥର ପଛ ଆଣି ଡ଼ମକ ପଛ ନାହାକା କୁ ଲଗାଇ ପକାଯିବା ସହ କଣ୍ଟା ବାଡ଼ିଆ ଶେଷ ହୋଇଛି । ଏହି ଆଗ ଏବଂ ପଛ ଡ଼ମକ ଉପରେ ୫ ଟି ଜଗତ ପୃଷ୍ଠ ଶେଣୀ ପଡ଼ିଲା ପରେ ତିନିରଥର ବେଦୀ ସିଂହାସନ ନିର୍ମାଣ ହେବ । ରୂପକାର ସେବକ ମାନେ ତିନିରଥର ୮ ଟି ଲେଖାଏଁ ନାଟ ଗୋଡ଼ ରୁ ଚାରିଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ଚାରୋଟି ଲେଖାଏଁ ନାଟ ଗୋଡ଼ ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଗୋଡ଼ି ଛାଲ, ପୋଟଳ ବାଗିଆ କଣ୍ଟା ନିର୍ମାଣ ଶେଷ କରି ତିନିରଥର ପାଦି କଣ୍ଟା ସହ ଚାନ୍ଦି କ୍ଲାମ୍ପ କଣ୍ଟା ନିର୍ମାଣ କରୁଛନ୍ତି । ଚିତ୍ରକାର ସେବକ ମାନେ ରଥ ପାର୍ଶ୍ୱ ଦେବ ଦେବୀ ମାନଙ୍କ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ ସହ ରଥ ବାହ୍ୟ ଅଂଶ ରଥ ଚକ, ଗୁଜ,ପଟାଗୁଜ ଇତ୍ୟାଦିରେ ଧଳା ପ୍ରାଇମର୍ ଦେବା କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଠାରେ ପାହି ମହାରଣା ମାନେ ରଥ ଯାତ୍ରା ନିମନ୍ତେ ସେବା ପୂଜା ପାଇଁ ପାକୁରଙ୍କ ବେଶ ପାଇଁ ବେଶ ଘୋଡିଆ ,ଚାଙ୍ଗଡ଼ା ଷ୍ଟାଣ୍ଡ ଇତ୍ୟାଦି କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି ।

## ୨୮ରେ ଓଟିଇଟି ପରୀକ୍ଷା

**କଟକ:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆହ୍ୱାନ କରାଯାଇଥିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୬ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ । ଇନ୍ସର୍ଭିସ୍ ଶିକ୍ଷକ ଏବଂ ନୂଆ ପ୍ରାର୍ଥୀ ମିଶି ମୋଟ ୯୭ ହଜାର ୧୫୧ ଜଣ ପ୍ରାର୍ଥୀ ଏହି ପରୀକ୍ଷା ପାଇଁ ଆବେଦନ କରିଛନ୍ତି । ଏଥିରେ ୮୪ ହଜାର ୬୨୫ ରେଗୁଲାର ଓ ୧୩ ହଜାର ୫୮୪ ଜଣ ଇନ୍ସର୍ଭିସ୍ ସର୍ଭିସ ଶିକ୍ଷକ ରହିଛନ୍ତି । ଆବେଦନକାରୀମାନେ ଆଜିଠୁ ବୋର୍ଡ ୱେବ୍ସାଇଟ୍ରୁ ସେମାନଙ୍କ ଆଡ୍ମିଟ୍କାର୍ଡ ପାଇପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି । ଆବେଦନକାରୀ ଫର୍ମପୂରଣ ସମୟରେ ଦେଇଥିବା ମୋବାଇଲ୍ ନମ୍ବର ଓ ପାସ୍ୱାର୍ଡ ବ୍ୟବହାର କରି ଆଡ୍ମିଟ୍ କାର୍ଡ ପାଇପାରିବେ । ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ୩୦ଟି ଜିଲ୍ଲାରେ ମୋଟ ୩୧୧ଟି ସେଣ୍ଟର ଚୟନ କରାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର କ୍ଲୋଜ୍ ସର୍କିଟ୍ କ୍ୟାମେରା (ସିସିଟିଭି)ବଳୟରେ ରହିବ । ପ୍ରଶ୍ନପତ୍ରର ସୁରକ୍ଷା ଓ ପରୀକ୍ଷା ଆଗରୁ ପ୍ରଶ୍ନ ଭାଇରାଲ୍ ରୋକିବା ଲାଗି ପ୍ରଶ୍ନପତ୍ରଗୁଡ଼ିକ ଡିଜିଟାଲ୍ ଲକରରେ ବୋର୍ଡ କାର୍ଯ୍ୟାଳୟରରୁ ସେଣ୍ଟରକୁ ଯିବ । ଆସନ୍ତା ୨୮ ତାରିଖରେ ଦୁଇଟି ଯାକ ପେପରରେ ହେବାକୁ ଥିବା ପରୀକ୍ଷା ମଧ୍ୟରୁ ପେପର-୧ ସକାଳ ୯ ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୧ ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ । ସେହିପରି ଦ୍ୱିତୀୟ ପେପର ପରୀକ୍ଷା ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଚାଲିବ । ୧୫୦ ନମ୍ବର ବିଶିଷ୍ଟ ଏହି ପରୀକ୍ଷା ଓଏମ୍ଆର ସିଟ୍ରେ ହେବ ।

## ୯ ଗୋଟି ଶିତଳଷଷ୍ଠୀ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀଙ୍କ ୩୬ ଲକ୍ଷ ଟଙ୍କା ଅନୁଦାନ

**ବଲାଙ୍ଗିର :** ବଲାଙ୍ଗିର ସହରରେ ଅନୁଷ୍ଠିତ ହେଉଥିବା ଶିତଳ ଷଷ୍ଠୀ ଯାତ୍ରା ପାଇଁ ୯ ଗୋଟି ପୂଜା କମିଟିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ନିର୍ଦ୍ଦେଶ କ୍ରମେ ସଂସ୍କୃତି ବିଭାଗ ଓଡିଶା ପତ୍ର ସଂଖ୍ୟା ୮୨୦୦, ତା.୧୭.୦୬.୨୦୨୬ ଅନୁଯାୟୀ ସମସ୍ତ ଶିତଳ ଷଷ୍ଠୀ ଯାତ୍ରା କମିଟି ଗାନ୍ଧୀନଗରପଡା, ସୁଦପଡା, ରାଧାରଣୀପଡା, ଏବିଏସ୍ଏସ୍ ରୋଡ, ବିବିଏସ୍ଏସ୍, ସାଗରପଡା, ପେଲେସଲାଇନ, କଂସାରିପଡା, ସ୍ୱାଧିନ ନଗର ଙ୍କୁ ୪ ଲକ୍ଷ ଲେଖାଏଁ ଅନୁଦାନ ରାଶି ଘୋଷଣା କରିଛନ୍ତି । ବଲାଙ୍ଗିର ରେ ଶିତଳ ଷଷ୍ଠୀ ମହୋତ୍ସବ ହେଉଛି ଏକ ପୁରୁଣା ପରଂପରା । ପ୍ରଭୁ ଶିବ ଏବଂ ପାର୍ବତିଙ୍କ ମହା ବିବାହୋତ୍ସବ ପାଳିତ ହୋଇଥାଏ । ଏ ଅବସରରେ କଳା ସଂସ୍କୃତି, ଆଧାତ୍ମିକ ଓ ଭାଇଚାରା ମହାମିଳନ ଦେଖିବାକୁ ମିଳିଥାଏ । ଏ ବର୍ଷ ସରକାରଙ୍କ ଅନୁଦାନ ଘୋଷଣାକୁ ବଲାଙ୍ଗିର ଜନସାଧାରଣ ତଥା ପୂଜା କମିଟି ଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଛି । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଧନ୍ୟବାଦ ଜ୍ଞାପନ କରାଯାଇଛି ।



# ବିଭିନ୍ନ ଜିଲ୍ଲା ସହ ଗଞ୍ଜାମରେ ବଢ଼ିଲା ଗ୍ରୀଷ୍ମଛୁଟି



**ସୁବର୍ଣ୍ଣପୁର :** ଗ୍ରୀଷ୍ମଛୁଟି ପରେ ଆସନ୍ତାକାଲିଠାରୁ ରାଜ୍ୟରେ ସ୍କୁଲଗୁଡ଼ିକ ଖୋଲୁଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାରେ ବଢ଼ିଲା ଗ୍ରୀଷ୍ମଛୁଟି ଅବଧି । ୨୦ ତାରିଖ ଯାଏଁ ବଢ଼ିଲା ଗ୍ରୀଷ୍ମଛୁଟି ଅବଧି । ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବଢ଼ିଲା ଗ୍ରୀଷ୍ମଛୁଟି । ଜୁନ୍ ୨୨ ତାରିଖରେ ଗଞ୍ଜାମରେ ଖୋଲିବ ସ୍କୁଲ । ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଛି ଏହି ନିଷ୍ପତ୍ତି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲ୍ଲାରେ ଗ୍ରୀଷ୍ମଛୁଟିକୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଜୁନ୍ ୨୧ ତାରିଖ ରବିବାର ପଡୁଥିବାରୁ ଏହି ୨ ଜିଲ୍ଲାରେ ୨୨ ତାରିଖରେ ସ୍କୁଲ ଖୋଲିବ । ଉଭୟ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲାରେ ସ୍କୁଲ, କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ସହିତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ଅନ୍ୟପକ୍ଷରେ ନୂଆପଡ଼ା ଜିଲ୍ଲା ସ୍କୁଲ ସମୟରେ ପରିବର୍ତ୍ତନ କରାଯାଇଛି । ଆସନ୍ତାକାଲି (ଜୁନ୍ ୧୮) ରୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସ୍କୁଲଗୁଡ଼ିକ ସକାଳୁଆ ହେବ । ସକାଳ ସାଢ଼େ ୬ରୁ ସାଢ଼େ ୧୧ ପର୍ଯ୍ୟନ୍ତ ସ୍କୁଲ୍ଗୁଡ଼ିକୁ ଖୋଲିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଜାରି କରିଛନ୍ତି । ଜିଲ୍ଲାର ସମସ୍ତ ସରକାରୀ ସମେତ ସରକାରୀ ଅନୁଦାନ ପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ସେହିପରି ବଲାଙ୍ଗୀର ଜିଲାରେ ବଢ଼ିଲା ଖରାଛୁଟି ଅବଧି । ୨୦ ତାରିଖ ଯାଏ ଖରାଛୁଟି ଅବଧି ବଢ଼ିଛି । ତେବେ ୨୨ ତାରିଖରେ ବଲାଙ୍ଗୀରରେ ଶିକ୍ଷାନୁଷ୍ଠାନ ଖୋଲିବ । ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି । ସେହିପରି ସୁନ୍ଦରଗଡ ଜିଲାରେ ବି ଆସନ୍ତାକାଲି ଖୋଲିବନି ସ୍କୁଲ । ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଜିଲାପାଳ ୨୨ ତାରିଖରେ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି ।

# ଜୁଲାଇ ୧ରୁ ଓଡିଶାରେ ଲାଗୁ ହେବ ଭିବି-ଜି-ରାମଜି

## ଗ୍ରାମାଞ୍ଚଳରେ ୧୨୦ ଦିନର ରୋଜଗାର ଗ୍ୟାରେଣ୍ଟି



**ଭୁବନେଶ୍ୱର :** ଓଡିଶାରେ ଲାଗୁ ହେଲା ଭିବି-ଜି-ରାମଜି । ଗ୍ରାମୀଣ ଯୋଜନାକୁ ସରକାରୀ ମୋହର । ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବା ଏବଂ ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ସରକାର 'ବିକଶିତ ଭାରତ-ଗ୍ରାମୀଣ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)' ଯୋଜନାର ବିଜ୍ଞପ୍ତି ଜାରି କରିଛନ୍ତି । ପୂର୍ବରୁ ରାଜ୍ୟ କ୍ୟାବିନେଟ୍ ଏହି ଯୋଜନାକୁ ଅନୁମୋଦନ କରିଥିବାବେଳେ ବର୍ତ୍ତମାନ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିସ୍ତୃତ ଗାଇଡ୍ ଲାଇନ୍ ଜାରି କରାଯାଇଛି । ଆସନ୍ତା ଜୁଲାଇ ୧ ରୁ ଯୋଜନାଟି ରାଜ୍ୟରେ ଲାଗୁ ହେବ ।ଏହା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ବର୍ଷକୁ ୧୨୦ ଦିନର ଅକୁଶଳ ଶ୍ରମଭିତ୍ତିକ ରୋଜଗାର ନିଶ୍ଚିତ କରାଯିବ । ଆବେଦନର ୧୫ ଦିନ ମଧ୍ୟରେ କାମ ଯୋଗାଇ ଦିଆନଗଲେ ବେକାର ଭତ୍ତା ପ୍ରଦାନର ବ୍ୟବସ୍ଥା ରହିଛି । ସେହିପରି ମଜୁରି ପ୍ରଦାନରେ ବିଳମ୍ବ ହେଲେ କ୍ଷତିପୂରଣ ଦେବାକୁ ମଧ୍ୟ ସ୍ପଷ୍ଟ ବ୍ୟବସ୍ଥା କରାଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (MGNREGS)ର ଅନୁଭୂତିକୁ ଆଧାର କରି ଏହି ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିରେ କେବଳ ରୋଜଗାର ସୃଷ୍ଟି ନୁହେଁ, ବରଂ ଗ୍ରାମୀଣ ଭିତ୍ତିଭୂମି ବିକାଶ, ଜଳ ସଂରକ୍ଷଣ, କୃଷି ଉତ୍ପାଦନ ବୃଦ୍ଧି, ଜୀବିକାମୂଳକ ସମ୍ପତ୍ତି ସୃଷ୍ଟି ଓ ଜଳବାୟୁ-ସହନଶୀଳ ଗ୍ରାମ ଗଠନ ଉପରେ ଗୁରୁତ୍ୱ ଦିଆଯାଇଛି । ଯୋଜନାକୁ 'ବିକଶିତ ଭାରତ-୨୦୪୭' ଦୃଷ୍ଟିକୋଣ ସହ ସମନ୍ୱୟ କରାଯାଇଥିବା ସରକାର କହିଛନ୍ତି ।

ସମ୍ପାଦକୀୟ

# ଶାନ୍ତିଚୁକ୍ତିରେ ଶିଥିଳତା !

ଦୀର୍ଘ ଦିନ ପରେ ଏବେ ଯବନିକାପାତ ହେବାକୁ ଯାଉଛି ମଧ୍ୟପ୍ରାଚ୍ୟର ସେହି ମହାଯୁଦ୍ଧର ଯାହା ଆଜିକୁ ପ୍ରାୟ ୧୦୭ ଦିନ ପୂର୍ବେ ଫେବୃଆରୀ ୨୮ ତାରିଖରେ ଆରମ୍ଭ ହୋଇଥିଲା ଇରାନ୍ ଏବଂ ଆମେରିକା ମଧ୍ୟରେ। ଦୀର୍ଘ ଦିନର ଯୁଦ୍ଧ ପରେ ବି ଉଭୟ ଦେଶ ମଧ୍ୟରେ ବିବାଦ ଥମିବାର ନାଁ ଧରୁନି। ସାମୟିକ ଅନ୍ତରାଳ ଅବା ସାମୟିକ ଅସ୍ତ୍ରବିରତି ପରେ ପୁଣି ଉଭୟ ଦେଶ ମଧ୍ୟରେ ଆରମ୍ଭ ହୋଇଯାଉଛି ଯୁଦ୍ଧ। ପରସ୍ପର ପୁଣି ସେମାନେ ଭିଡ଼ିଯାଉଛନ୍ତି ଯୁଦ୍ଧରେ। ଯାହା ପଛରେ ଆମେ ଯଦି ତର୍ଜମା କରିବା ତେବେ ସାଧାରଣତଃ ଦୁଇଟି କଥାକୁ ଆମେ ମୁଖ୍ୟ କାରଣ ଭାବେ ନେଇପାରିବା। ପ୍ରଥମତଃ ଆମେରିକାର ଯୁଦ୍ଧଖୋର ମନୋଭାବ ଏବଂ ଇରାନ୍‌ର ୟୁରାନିୟମ ଯାହାକୁ ନେଇ ସବୁଠାରୁ ବେଶି ଚିନ୍ତିତ ହେଉଛି ଆମେରିକା। ଅଥଚ ବିଶ୍ୱରେ ଆମେରିକା ଭଳି ବହୁତ ପ୍ରଭାବଶାଳୀ ଦେଶ ମଧ୍ୟ ଅଛନ୍ତି କିନ୍ତୁ ମୁଣ୍ଡ ବିନ୍ଧୁଛି କେବଳ ଆମେରିକାର। କାରଣ କ'ଣ ? ବାଘକୁ ଫାଗର ଭୟ ନା ଆମେରିକାର ବଡ଼ଭାଇପଣିଆ। ତେବେ ଦୁଇଟାଯାକ କାରଣ କେବଳ ଆମେରିକା ପାଇଁ ପ୍ରଯୁଜ୍ୟ ହୋଇପାରେ। ଆମେରିକା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ରାଷ୍ଟ୍ର ଭାବରେ ତା'ର ମାନ୍ୟତା ବଜାୟ ରଖିଛି ଏବଂ ଆଜି ବି ତା'ର ସେହି ପ୍ରଭାବକାରି ରହିଛି। ଅତଏବ ଆମେରିକା ମଝିରେ ମଝିରେ ତା'ର ସେହି ପ୍ରଭାବ ବିସ୍ତାରୀ କାର୍ଯ୍ୟକ୍ରମ ଜାରି ରଖିବାର ପ୍ରୟାସ ସ୍ୱରୂପ କେବେ ପାଲେଷ୍ଟାଇନ୍ ଉପରେ ତ ଆଉ କେବେ ଇରାନ୍ ଉପରେ ଏମିତି ଆକ୍ରମଣ କରି ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିବାର ଉଦ୍ୟମ ଜାରି ରଖିଛି ଆମେରିକା। ଏହାଦ୍ୱାରା ଆମେରିକାର ବଡ଼ଭାଇ ପଣିଆ ମଧ୍ୟ ସେହି କ୍ରମରେ ଜାରି ରହିଛି। ଯାହାକୁ ବଜାୟ ରଖିବା ହେଉଛି ଆମେରିକାର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ। ଏମିତି ବି ମୁସଲମାନ୍ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରେ ଯୁଦ୍ଧ କିଛି ନୂଆ ଘଟଣା ନୁହେଁ, ବହୁତ ପୁରୁଣା; ଇତିହାସ ଯାହାର ମୂକସାକ୍ଷୀ। ଏବେ ଅତୀତର ସେହି କଳଙ୍କିତ ଇତିହାସର ପୁନରାବୃତ୍ତି ହେଉଛି ବାରମ୍ବାର। ଇରାନ୍ ଏବଂ ଆମେରିକା ସମ୍ପର୍କରେ ବହୁ ପୂର୍ବରୁ ସେମିତି ଯଦିଓ ତିକ୍ତତା ନଥିଲା, ତେବେ ଆଜିର ତାରିଖରେ ସେମାନଙ୍କ ସମ୍ପର୍କରେ କିନ୍ତୁ ତିକ୍ତତା ଆସିଯାଇଛି ଯାହା ପଛରେ ଇରାନ୍‌ର ୟୁରାନିୟମ ଯେ ଏକ ପ୍ରମୁଖ କାରଣ ତାହାକୁ ଯଦିଓ ଅସ୍ୱୀକାର କରିହେବ ନାହିଁ, ତେବେ ଇରାନ୍ ଆମେରିକା ଯୁଦ୍ଧ ପଛରେ ଯେ ଇସ୍ରାଏଲ୍ ରହିଛି ; ଏହି କଥାକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ। କାରଣ ଇସ୍ରାଏଲ୍ ହେଉଛି ଏମିତି ଏକ ଦେଶ ଯାହାକୁ ଚାରିପଟୁ ଘେରି ରହିଛି ଇସ୍ଲାମିକ୍ ଦେଶ ସମୂହ । କିଛି ନା କିଛି କାରଣରୁ କେବେ ନା କେବେ ଇସ୍ରାଏଲ୍ ସହିତ ସେମାନଙ୍କର ଯୁଦ୍ଧ ଲାଗିଯାଏ । ଏଇ ଯେମିତି ପାଲେଷ୍ଟାଇନ୍ ସହିତ ଦୀର୍ଘ ଦିନର ଯୁଦ୍ଧ ପରେ ଏବେ ଏକପ୍ରକାର ଥମିଯାଇଛି ! ତଥାପି ଇସ୍ରାଏଲ୍ କିନ୍ତୁ ନଛୋଡ଼ବନ୍ଧା, ଶତ୍ରୁ ପକ୍ଷକୁ ପୂରା ସାବାଡ଼୍ କରିବା, ଶତ୍ରୁପକ୍ଷକୁ ପୂରା ଦମନ କରିବା ତା'ର ଲକ୍ଷ୍ୟ । ସେଇଥିପାଇଁ ତ ଇସ୍ରାଏଲ୍ ଏବେ ବନିଯାଇଛି ଏକ ଯୁଦ୍ଧଖୋର ଦେଶ । ଛୋଟ ଦେଶଟାଏ ହେଲେ କି ହବ , ଯୁଦ୍ଧ କରିବାରେ କିନ୍ତୁ ମାଷ୍ଟର। ତେବେ ଇସ୍ରାଏଲ୍ ପଛରେ କିନ୍ତୁ ଠିଆ ହୋଇଛି ଆଉ ଗୋଟାଏ ବଡ଼ ମାଷ୍ଟର ଆମେରିକା ଯାହାର ପ୍ରରୋଚନା ବଳରେ, ଯାହାର ପରାମର୍ଶ ବଳରେ , ଯାହାର ପ୍ରତ୍ୟକ୍ଷ ଅବା ପରୋକ୍ଷ ସହାୟତା ବଳରେ ଏମିତି ଓଭର ହେଉଛି ଇସ୍ରାଏଲ୍। ଇରାନ୍ ସମର୍ଥିତ ହମାସ୍ ଆତଙ୍କବାଦୀ ଗୋଷ୍ଠୀ ପଛରେ ପଡ଼ି, ତାକୁ ଦମନ କରିବାର ଲକ୍ଷ୍ୟ ନେଇ ପୂର୍ବରୁ ଇରାନ୍ ସହିତ କିଛିଦିନ ଯୁଦ୍ଧ କରିବା ପରେ ଏବେ ପଡ଼ିଯାଇଛି ଲେବାନନ୍ ପଛରେ। ଲେବାନନ୍ ରାଜଧାନୀ ବେରୁଟ୍‌ର ଦକ୍ଷିଣ ଉପକଣ୍ଠରେ ଥିବା ହେଜବୋଲ୍ଲାର ଏକ ପ୍ରମୁଖ କମାଣ୍ଡ ସେଣ୍ଟର ଉପରେ ଅତି ଜୋରଦାର ଆକ୍ରମଣ କରିଛି ଇସ୍ରାଏଲ୍ । ନିଜେ ଦୁନିଆ ଛାଡ଼ିବା ପୂର୍ବରୁ ମୁସଲିମ୍ ଦୁନିଆରେ ଭୟର ବାତାବରଣ ଖେଳାଇଦେବାର ଲକ୍ଷ୍ୟ ରଖିଛନ୍ତି ବୋଧହୁଏ ଇସ୍ରାଏଲ୍ ରାଷ୍ଟ୍ରପତି ନେତାନ୍ୟାହୁ। ତେବେ ତାଙ୍କର ଏ ପ୍ରକାର ଯୁଦ୍ଧଖୋର ଆଚରଣ ମଧ୍ୟପ୍ରାଚ୍ୟର ପରିବେଶକୁ ଅଶାନ୍ତ କରିବା ସହ ଇରାନ୍ ଏବଂ ଆମେରିକା ମଧ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟର ଶାନ୍ତି ଚୁକ୍ତିକୁ ଯେ ବ୍ୟାହତ କରୁଛି , ଏଥିରେ କିଛି ବି ଦ୍ୱିରୁକ୍ତି ନାହିଁ, କିଛି ବି ସନ୍ଦେହ ନାହିଁ। ଇରାନ- ଆମେରିକା ଶାନ୍ତି ଚୁକ୍ତି ଆଲୋଚନା ପ୍ରଥମେ ଇସଲାମାବାଦ୍‌ରେ ଫେଲ୍ ମାରିବା ପରେ ଏବେ , ଜେନେଭା ଠାରେ ପୁନର୍ବାର ସ୍ୱାକ୍ଷରିତ ହେବାକୁ ଯାଉଛି ଶାନ୍ତିଚୁକ୍ତି ଯାହାକି ଅତି ଗୁରୁତ୍ୱପୂର୍ଣ୍ଣ। ହେଲେ ବୁଝୁନି ଇସ୍ରାଏଲ୍ । ଆମେରିକା ତ ବୁଝାଉଛି ହେଲେ ଅବୁଝା ହେଉଛି, ଅଝଟ ହେଉଛି ଇସ୍ରାଏଲ୍ ଯାହାର ଆଗାମୀ ପରିଣାମ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିବା ସହ ଇସ୍ରାଏଲ୍ ପାଇଁ ଯେ ଭୟାବହ ପରିସ୍ଥିତି ସୃଷ୍ଟି କରିବ ; ଏଥିରେ ମଧ୍ୟ ସନ୍ଦେହ ନାହିଁ। ଏବେଠୁ ବୁଝିଯାଉ ଇସ୍ରାଏଲ୍ ଏବଂ ବୁଝାଇଦେଉ ଆମେରିକା ନଚେତ ମଧ୍ୟପ୍ରାଚ୍ୟର ଯୁଦ୍ଧ ଆଗକୁ ରୂପ ନେଇପାରେ ଏକ ଭୟଙ୍କର ମହାଯୁଦ୍ଧର ଯାହାକୁ ଏଡ଼ାଇ ଦିଆଯାଇନପାରେ।

## ତୃଷାର୍ତ୍ତ ପକ୍ଷୀ

ଗୋଟାଏ ପକ୍ଷୀଦଳ ସକାଳୁ ସକାଳୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ଲକ୍ଷ୍ୟ ତ ଥାଏ ତଥାପି ତାଙ୍କ ଯାତ୍ରା ସରୁ ନଥାଏ। ପକ୍ଷୀଦଳଙ୍କ ଯାତ୍ରା ବୋଧହୁଏ ଥିଲା ବହୁତ ଲମ୍ବା। ତେବେ ସେମାନେ କୁଆଡ଼େ ଯାଉଥାଆନ୍ତି କେଜାଣି ? ସମସ୍ତ ପକ୍ଷୀଙ୍କୁ ମଧ୍ୟ ତାହା ଜଣା ନଥାଏ। ବୋଧହୁଏ ଗୋଟାଏ ଲମ୍ବା ଯାତ୍ରା କିମ୍ବା ଗୋଟାଏ ବହୁତ ବଡ଼ ଯାତ୍ରାରେ ବାହାରିଥିଲେ ସେମାନେ। ହସ ଖୁସିରେ ଯାଉ ଯାଉ ବହୁ ଦୂରକୁ ଚାଲି ଯାଇଥିଲେ ସେମାନେ। ସମ୍ଭବତଃ ସେମାନଙ୍କ ଯାତ୍ରା ପଥରୁ ଓହରିଯାଇ କିଛି ଆଗକୁ ଚାଲିଯାଇଥିଲେ ସେମାନେ। ହୁଏତ ସେମାନଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଭିନ୍ନ ରାସ୍ତାରେ କିଛି ଆଗକୁ ଚାଲି ଯାଇଥିଲେ ସେମାନେ। ଯାହା ହେଉ.. ଉଡ଼ାଣ କିନ୍ତୁ ଜାରି ରହିଥିଲା ସେହି ପକ୍ଷୀ ଦଳର। ଖରାଦିନର କଥା। ଆକାଶରେ ଖରା ମୁଣ୍ଡ ଉପରକୁ ଉଠିଗଲାଣି। ଖରାଦିନର ଏତେ ଖରା ପରେ ବି ସେମାନଙ୍କ ଯାତ୍ରା ସରୁ ନଥାଏ। ହଠାତ୍ ସେମାନଙ୍କ ମଧ୍ୟରୁ ବୁଢ଼ା ପକ୍ଷୀଟିଏ ଆଉ ଉଡ଼ି ନପାରି ପୂରା ହାଲିଆ ହୋଇପଡ଼ିଲା। ତଳକୁ ଖସିବାର ଉଦ୍ୟମ ଆରମ୍ଭ କରିଦେଲା। ଅନ୍ୟମାନେ ବି ପ୍ରାୟ ସେହିଭଳି ସ୍ଥିତିକୁ ଆସିଗଲେଣି। ହେଲେ କ'ଣ କରିବେ । ଲକ୍ଷ୍ୟପଥ ଏବେ ବି ରହିଛି ଆହୁରି ଦୂରରେ । ତେବେ ସାଥୀମାନଙ୍କର ଥକ୍କାପଣକୁ ଲକ୍ଷ୍ୟରେ ରଖି ଦଳର ମୁଖିଆ ବି ଚିନ୍ତାରେ । କ'ଣ କରାଯିବ ? ଏବେ ସମସ୍ତେ ପ୍ରାୟ ହାଲିଆ। ଉଡ଼ି ଉଡ଼ି ଏତେ ବାଟ ଆସିଲା ପରେ ଯେ କେହି ବି ହାଲିଆ ହେବା ସ୍ୱାଭାବିକ। ଏବେ କ'ଣ କରିବେ କୁଆଡ଼େ ଯିବେ ? ଏହି ଚିନ୍ତାରେ ସମସ୍ତେ ପଡ଼ିଗଲେ। କିଛି ସମୟ ପାଇଁ କାଉଦଳ ଉଡ଼ା ବନ୍ଦକରି ନିକଟରେ ଥିବା ଗୋଟାଏ ବଡ ଗଛରେ ବସିଗଲେ। ସମସ୍ତେ ଗଛରେ କିଛି ସମୟ ପାଇଁ ବସିଗଲା ପରେ ପ୍ରଥମେ ସେମାନେ ତାଙ୍କର ଥକ୍କା ମେଣ୍ଟାଇଲେ। ପରେ ପୁଣି ସେହି ଦଳ ସେମାନଙ୍କ ଗନ୍ତବ୍ୟ ପଥରେ ଉଡ଼ିବା ପାଇଁ ସ୍ଥିର କଲେ। ତେବେ ସେହି ପକ୍ଷୀ ଦଳ ଭିତରେ ଦୁଇଟା ବୃଦ୍ଧ କାଉ ରହିଯାଇଥିଲେ। ସେମାନେ ଆଗକୁ ଆଉ ଉଡ଼ିବା ଅବସ୍ଥାରେ ନଥିଲେ। ପ୍ରଥମତଃ ସେମାନେ ବହୁତ ବାଟ ଉଡ଼ି ଉଡି ହାଲିଆ ହୋଇଯାଇଥିଲେ। ଦ୍ୱିତୀୟରେ ସେମାନଙ୍କୁ ଏତେ ଜୋର୍‌ରେ ଶୋଷ ଲାଗୁଥିଲା ଯେ ସେମାନେ ଆଉ ଟିକିଏ ବି ଉଡ଼ିବା ଅବସ୍ଥାରେ ନଥିଲେ। ବରିଷ୍ଠ ପକ୍ଷୀମାନଙ୍କର ଏପରି ସ୍ଥିତି ଦେଖି ବାକିମାନେ ପଡ଼ିଗଲେ ଚିନ୍ତାରେ। ଚିନ୍ତାର ବିଷୟ ଥିଲା ଯେ ନିଘଞ୍ଚଜଙ୍ଗଲରେ ପାଣି ବ୍ୟବସ୍ଥା। ତେବେ ହଠାତ ଅନତି ଦୁରରେ ଗୋଟାଏ କିଛି ପାତ୍ର ଥୁଆ ହୋଇଥିବାର ନଜର ପଡ଼ିଲା ପରେ ଗୋଟାଏ କାଉ ସେଠାକୁ ଯାଇ ଦେଖେ ତ ସେଥିରେ କିଛି ପାଣି ଥିଲା। ହେଲେ ପାଣି ତଳେ ଥିବା ଦେଖି ବୁଦ୍ଧି ଗୁଡୁମ୍। ପରେ ବୃଦ୍ଧ କାଉର ବୁଦ୍ଧି ନେଇ ଆର କାଉଟି , ସେଥିରେ କିଛି ଛୋଟ ପଥରଖଣ୍ଡ ପକାଇଦେବା ପରେ ଭିତର ପାଣି ଉପରକୁ ଆସିବା ପରେ ତୃଷାର୍ତ୍ତ କାଉ ପାଣି ପିଇ ସେମାନଙ୍କ ତୃଷା ମେଣ୍ଟାଇଲେ। ବେଳେ ବେଳେ ବୁଦ୍ଧିବଳରେ କେତେକ କଷ୍ଟକର କାର୍ଯ୍ୟ ବି ସହଜ ହୋଇଯାଇଥାଏ। ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇଯାଏ।

# 'ପ୍ରକୃତି ସନ୍ତୁଳନ ମନୁଷ୍ୟର ସାଜୁଛି ବାଧକ'



ଡଃ ଅମୂଲ୍ୟ କୁମାର ପଣ୍ଡା

ପ୍ରକୃତିର ସନ୍ତୁଳନ ଏକ ଅନନ୍ୟ କୃତି, ଯେଉଁଠାରେ ପ୍ରତ୍ୟେକ ଉପାଦାନ ତାର ନିର୍ଦ୍ଦିଷ୍ଟ ଭୂମିକାରେ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରେ। ପକ୍ଷୀଙ୍କ ଡେଣା ସେମାନଙ୍କ ଉଡ଼ାଣର ପ୍ରତୀକ, ଆକାଶରେ ସ୍ୱାଧୀନତା ଏବଂ ସମନ୍ୱୟ ପ୍ରଦାନ କରେ। କିନ୍ତୁ ମାନବ ହସ୍ତକ୍ଷେପ ସହିତ, ଏହି ସୌନ୍ଦର୍ଯ୍ୟ ବିନାଶର ରୂପ ନେଇଥାଏ। ପକ୍ଷୀମାନଙ୍କ ଉପରେ କେବଳ ଡେଣା ଭଲ ଦେଖାଯାଏ... ମଣିଷ ଯିବା ମାତ୍ରେ ବିନାଶ ଆରମ୍ଭ ହୁଏ। ଏହି ବିବୃତ୍ତି ମାନବ ଲୋଭ ଏବଂ ଅଜ୍ଞତାକୁ ପ୍ରତିଫଳିତ କରେ। ଏହା ଆମକୁ ଚେତାବନୀ ଦିଏ ଯେ ପ୍ରକୃତି ସହିତ ହାତାହାତି କରୁଥିବା ମଣିଷମାନେ ନିଜର ମୂଳ କାଟି ଦିଅନ୍ତି। ପରିବେଶଗତ, ସାମାଜିକ, ଆଧ୍ୟାତ୍ମିକ ଏବଂ ଐତିହାସିକ। ପ୍ରଥମେ ପରିବେଶଗତ ଦୃଷ୍ଟିକୋଣରୁ, ଏହି ବିବୃତ୍ତି ପରିବେଶଗତ ବିନାଶର ସତ୍ୟକୁ ପ୍ରକାଶ କରେ। ପକ୍ଷୀମାନେ ପ୍ରକୃତିର ସନ୍ତୁଳନର ପ୍ରତୀକ, ସେମାନଙ୍କ ଡେଣା ବାୟୁରେ ଉଡ଼ିବା ସମୟରେ ଇକୋସିଷ୍ଟମକୁ ବଜାୟ ରଖନ୍ତି। ସେମାନେ ବିହନ ବିସ୍ତାର କରନ୍ତି, କୀଟପତଙ୍ଗଙ୍କୁ ସନ୍ତୁଳିତ କରନ୍ତି ଏବଂ ବର୍ଷା ଚକ୍ରରେ ଯୋଗଦାନ କରନ୍ତି। କିନ୍ତୁ ମଣିଷ ଆଗମନ ଜଙ୍ଗଲ ନଷ୍ଟ କରିଛି, ନଦୀ ପ୍ରଦୂଷିତ କରିଛି ଏବଂ ବାୟୁକୁ ବିଷାକ୍ତ କରିଛି। ଉଦାହରଣ ସ୍ୱରୂପ, ଆମାଜନ ବର୍ଷାଜଳକୁ ସୋୟା ଚାଷ ପାଇଁ ସଫା କରାଯାଉଛି, ଯାହା ପକ୍ଷୀ ପ୍ରଜାତି ବିଲୁପ୍ତ କରିଦିଏ। ଭାରତରେ, ଗଙ୍ଗା-ଯମୁନା ସମତଳ ଭୂମିରେ ଶିଳ୍ପାୟନ ପକ୍ଷୀ ଅଭୟାରଣ୍ୟକୁ ନଷ୍ଟ କରିଦେଇଛି। କେରଳର ଭେମ୍ବାନାଡ ହ୍ରଦ, ଯାହା ଥରେ ପ୍ରବାସୀ ପକ୍ଷୀଙ୍କ ପାଇଁ ସ୍ୱର୍ଗ ଥିଲା, ଏବେ ପ୍ଲାଷ୍ଟିକ୍ ଆବର୍ଜନାରେ ସ୍ତବ୍ଧ ହୋଇଯାଇଛି। ମାନବ ନ୍ତବିକାଶନ୍ତ ନାମରେ, ପକ୍ଷୀ ସୌନ୍ଦର୍ଯ୍ୟ ଉଡ଼ିବା ପରିବର୍ତ୍ତେ ଭୂମିରେ ପଡ଼ିଯାଇଛି। ଜଳବାୟୁ ପରିବର୍ତ୍ତନ ଏହାର ଏକ ସ୍ପଷ୍ଟ ଉଦାହରଣ - ହିମବାହ ତରଳି ଯାଉଛି, ଘୂର୍ଣ୍ଣିବାତ୍ୟା ବଢୁଛି, ଏବଂ ମାନବ ଲୋଭ ଏହାର ମୂଳ କାରଣ। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ୫୦ ବର୍ଷ ମଧ୍ୟରେ ୬୮% ବନ୍ୟପ୍ରାଣୀ ଲୋଭ ଯୋଗୁଁ ଲୋପ ପାଇଛନ୍ତି। ଏହି ବକ୍ତବ୍ୟ ସାମାଜିକ ସ୍ତରରେ ମଧ୍ୟ ପ୍ରାସଙ୍ଗିକ। ପକ୍ଷୀମାନେ ସମ୍ପ୍ରଦାୟ ଏକତା ଏବଂ ସହଯୋଗର ଉଦାହରଣ ଦିଅନ୍ତି - ସେମାନେ ପରସ୍ପରକୁ ସୁରକ୍ଷା ଦେଇ ଦଳ ଦଳ ହୋଇ ଉଡ଼ନ୍ତି। କିନ୍ତୁ ମାନବ ଆଗମନ ସମାଜରେ ସ୍ୱାର୍ଥପରତା, ହିଂସା ଏବଂ ଅସମାନତାକୁ ଜନ୍ମ ଦେଇଛି।

ପ୍ରାଚୀନ କାଳରେ, ପ୍ରକୃତି ସହିତ ସମନ୍ୱୟରେ ଜଙ୍ଗଲ ଜୀବନ ସରଳ ଥିଲା। କିନ୍ତୁ ଶିଳ୍ପ ବିପ୍ଳବ ପରେ, ପୁଞ୍ଜିବାଦ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଭାରତରେ ବ୍ରିଟିଶ ଯୁଗରେ, ରେଳ ପାଇଁ ଜଙ୍ଗଲକୁ ଶୋଷଣ କରାଯାଉଥିଲା, ଆଦିବାସୀ ସଂସ୍କୃତିକୁ ନଷ୍ଟ କରାଯାଉଥିଲା। ଆଜି ମଧ୍ୟ, କର୍ପୋରେଟ୍ ଲବିଗୁଡ଼ିକ ଜମି ଅଧିଗ୍ରହଣ ନାମରେ ଗ୍ରାମଗୁଡ଼ିକୁ ନଷ୍ଟ କରୁଛନ୍ତି। ଉଙଠଓଡ-୧୯ ମହାମାରୀ ପ୍ରମାଣ କରିଛି ଯେ ମଣିଷର କପଟ ପ୍ରକୃତିକୁ ବିପଦରେ ପକାଇଛି। ସହରୀକରଣ ପକ୍ଷୀମାନଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରୁ ଲୁଣ୍ଠନ କରିଛି, ଏବଂ କଂକ୍ରିଟ୍ ଜଙ୍ଗଲ ଚାପ, ଅବସାଦ ଏବଂ ଅପରାଧକୁ ପ୍ରୋତ୍ସାହିତ କରିଛି। ମହାତ୍ମା ଗାନ୍ଧୀ କହିଥିଲେ, ନ୍ତପୃଥିବୀ ସମସ୍ତଙ୍କର ଆବଶ୍ୟକତା ପୂରଣ କରିପାରିବ, କିନ୍ତୁ ଲୋଭ ନୁହେଁ।ନ୍ତ ମଣିଷର ଆଗମନ ସହିତ, ସାମାଜିକ ବନ୍ଧନ ଭାଙ୍ଗିଗଲା, ଏବଂ ବିନାଶର ଏକ ଚକ୍ର ଆରମ୍ଭ ହେଲା। ଏହି ଉକ୍ତି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗଭୀର। ଭାରତୀୟ ଦର୍ଶନରେ, ପକ୍ଷୀ ଆତ୍ମାର ପ୍ରତୀକ - ଉପନିଷଦରେ, ପକ୍ଷୀ ବ୍ରହ୍ମ ଆଡ଼କୁ ଉଡ଼ିବାର ଏକ ରୂପକ। ଭଗବଦ୍ ଗୀତାରେ, ଭଗବାନ କୃଷ୍ଣ କହିଛନ୍ତି ଯେ ପ୍ରକୃତି ହେଉଛି ଈଶ୍ୱରଙ୍କ ଭ୍ରମ, ଯାହାକୁ ମଣିଷ ସଂରକ୍ଷଣ କରିବା ଉଚିତ। କିନ୍ତୁ ମାନବ ଅହଂକାର ଏହାକୁ ଭୁଲି ଯାଇଛି। ଜୈନ ଧର୍ମରେ, ଅହିଂସା ପକ୍ଷୀମାନଙ୍କ ଦ୍ୱାରା ପ୍ରେରିତ, ଯେତେବେଳେ ଆଧୁନିକ ମଣିଷ ନିଷ୍ଠୁରତାର ପ୍ରତୀକ ପାଲଟିଛି। ତିବ୍ବତୀୟ ଲାମାମାନେ କୁହନ୍ତି ଯେ ପ୍ରକୃତି ହେଉଛି ଦେବତାମାନଙ୍କର ଘର, ଏବଂ ମାନବ ହସ୍ତକ୍ଷେପ ହେଉଛି ପାପ। ବର୍ତ୍ତମାନ, ଯୋଗ ଏବଂ ଧ୍ୟାନ ନାମରେ ବାଣିଜ୍ୟକରଣ ଆଧ୍ୟାତ୍ମିକ ପବିତ୍ରତାକୁ ନଷ୍ଟ କରୁଛି। ସନ୍ଥ କବୀର କହିଥିଲେ, ନ୍ତପକ୍ଷୀମାନେ କେଉଁଠାରେ ରହିବେ, ଉଦ୍ୟାନ ଚାଲିଗଲା।ନ୍ତ ମାନବ ଲୋଭ ସେମାନଙ୍କର ଆଧ୍ୟାତ୍ମିକ ଡେଣା କାଟି ଦେଇଛି।

ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରମାଣ ମିଳିଥାଏ। ପ୍ରାଚୀନ ମିଶରୀୟ ଏବଂ ମାୟାନ ସଭ୍ୟତା ପ୍ରକୃତି ସହିତ ସମନ୍ୱୟରେ ବିକଶିତ ହୋଇଥିଲା, କିନ୍ତୁ ରୋମାନ ସାମ୍ରାଜ୍ୟ ଏବଂ ଉପନିବେଶବାଦୀ ଶକ୍ତିଗୁଡ଼ିକ ଶୋଷଣ ମାଧ୍ୟମରେ ନିଜକୁ ନଷ୍ଟ କରିଥିଲେ। ଭାରତରେ, ମୋଗଲ ଯୁଗର ଉଦ୍ୟାନଗୁଡ଼ିକ ଲୋପ ପାଇଗଲା, ଏବଂ ବ୍ରିଟିଶ ଶାସନ ଜଙ୍ଗଲକୁ ନଷ୍ଟ କରିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ପରୀକ୍ଷଣ ପରିବେଶକୁ ନଷ୍ଟ କରିଦେଲା। ଆଜି, ଜଳବାୟୁ ସମ୍ମିଳନୀରେ ମଧ୍ୟ ଧନୀ ଦେଶଗୁଡ଼ିକ ଗରିବମାନଙ୍କୁ ଦୋଷ ଦିଅନ୍ତି, କିନ୍ତୁ ସମସ୍ୟା ମଣିଷର ସ୍ୱାର୍ଥପରତାରେ ରହିଛି। ଶେଷରେ, ଏହି ଉକ୍ତି ଆମକୁ ଜାଗ୍ରତ କରେ। ପକ୍ଷୀଙ୍କ ଡେଣା ପ୍ରକୃତିର ଗରିମା, ମଣିଷ ସେମାନଙ୍କୁ ଆଲିଙ୍ଗନ କରିବା ଉଚିତ, ନଷ୍ଟ କରିବା ଉଚିତ ନୁହେଁ। ସ୍ଥାୟୀ ବିକାଶ, ବୃକ୍ଷରୋପଣ ଏବଂ ନୈତିକ ଜୀବନଶୈଳୀ ହେଉଛି ସମାଧାନ। ଯଦି ମଣିଷ ପ୍ରକୃତିକୁ ସମ୍ମାନ କରେ, ତେବେ ବିନାଶ ବନ୍ଦ ହୋଇପାରିବ। ନଚେତ୍, ଆମର ଡେଣା ଭାଙ୍ଗିଯିବ, ଏବଂ ଆମର ଉଡ଼ାଣ ଅସମ୍ଭବ ହୋଇଯିବ। ଆସନ୍ତୁ ଏହି ଉକ୍ତିକୁ ହୃଦୟଙ୍ଗମ କରିବା ଏବଂ ପ୍ରକୃତି ସହିତ ସମନ୍ୱୟରେ ବଞ୍ଚିବା।

ଅରଙ୍ଗାବାଦ ବରୀ ଯାଜପୁର
୮୨୪୯୫୦୨୭୭୬

# ବାଲ୍ୟ ବିବାହ ବନ୍ଦ କରିବା



ସୌଭାଗ୍ୟ ରଂଜନ ମହାନ୍ତି

କଲମ୍ବିଆ ୟୁନିଭରସିଟି ସ୍କୁଲ ଅଫ ଇଂଟରନ୍ୟାଶନାଲ ଆଣ୍ଡ ପବ୍ଲିକ ଅଫୋୟାସ ପକ୍ଷରୁ କଲମ୍ବିଆ ଇନଷ୍ଟିଚ୍ୟୁଟ୍ ଅଫ ଗ୍ଲୋବାଲ ପଲିଟିକ୍ସ ଓମେନସ୍ ଇନିସିଏଟିଭ ଦ୍ୱାରା ବିଶ୍ୱରେ ବାଲ୍ୟ ବିବାହ ସ୍ଥିତି ନେଇ ନିକଟରେ ପ୍ରକାଶିତ ଏକ ରିପୋର୍ଟର କୁହାଯାଇଛି ଯେ, ଏବେ ବୈଶ୍ୱିକ ସ୍ତରରେ ବାଲ୍ୟବିବାହ ବିରୁଦ୍ଧରେ ସହମତି ବୃଦ୍ଧି ପାଇବାରେ ଲାଗିଛି। ବାଲ୍ୟ ବିବାହକୁ ଏକ ଅପରାଧିକ ନ୍ୟାୟା ପ୍ରସଙ୍ଗ ଭାବେ ଗ୍ରହଣ କରି ଉଭୟ ଉତରଦାୟିତ୍ୱ ଓ ନିରାକରଣ ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। କହିବା ବାହୁଲ୍ୟ ଯେ, କାହିଁ କେଉଁ ପୁରାତନ କାଳରୁ ବାଲ୍ୟ ବିବାହକୁ ଏକ ସାମାଜିକ, ସାଂସ୍କୃତିକ ଓ ପରାମ୍ପରାଗତ ପ୍ରସଙ୍ଗ ଭାବେ ବିଶ୍ୱର ବହୁ ରାଷ୍ଟ୍ର ଓ ସମ୍ପ୍ରଦାୟରେ ପ୍ରଚଳିତ ହୋଇ ଆସୁଥିବାବେଳେ ଏବେ ଏହାକୁ ଶିଶୁ ଅଧିକାରର ଗୁରୁତର ଉଲଂଘନ ଏବଂ ଶିଶୁଯୌନ ନିର୍ଯ୍ୟାତନା ଭାବେ ସ୍ୱୀକୃତି ମିଳିଛି। ବାଲ୍ୟ ବିବାହର ସମାପ୍ତି ପାଇଁ କେବଳ ମୌଳିକ ଏବଂ ଆଇନଗତ ଆବଶ୍ୟକତା ନୁହେଁ ଆର୍ଥିକ ବିକାଶ ଓ ଦୀର୍ଘ ମିଆଦି ଅଭିବୃଦ୍ଧି ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବ୍ୟାପୀ ବାର୍ଷିକ ୧୮ବର୍ଷରୁ କମ୍ ୧୨ମିଲିଅନ ବାଳିକା ବାଲ୍ୟ ବିବାହ କରୁଛନ୍ତି। ବିଶ୍ୱରେ ପ୍ରତି ୫ଜଣରେ ଜଣେ ବାଳିକା ବାଲ୍ୟ ବିବାହ କରୁଥିବା କୁହାଯାଇଛି। ଅଶିକ୍ଷା, ଦାରିଦ୍ର୍ୟ, ସାମାଜିକ ପରମ୍ପରା ଆଦି ବାଲ୍ୟବିବାହ କ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି। ବିଶ୍ୱରେ ୧୮ବର୍ଷ ପୂର୍ବରୁ ୬୫୦ ମିଲିଅନରୁ ଅଧିକ ବାଳିକା ବିବାହ ବନ୍ଧନରେ ଆବଦ୍ଧ ହୋଇ ଜୀବିତ ଅଛନ୍ତି। ନାଇଜେରିଆ, ଚାଦ୍, କେନ୍ଦ୍ରୀୟ, ଆଫ୍ରିକ ରିପବ୍ଲିକ, ମଲି ଆଦି ରାଷ୍ଟ୍ରରେ ବାଲ୍ୟ ବିବାହ ଉଚ୍ଚ ହାରରେ ରହିଥିବାବେଳେ ଦକ୍ଷିଣ ଏସିଆ, ପୂର୍ବ ଓ ଦକ୍ଷିଣ ଆଫ୍ରିକା, ପଶ୍ଚିମ ଓ କେନ୍ଦ୍ରୀୟ ଆଫ୍ରିକା, ଲାଟିନ ଆମେରିକା ଏବଂ କାରିବିଆନ ଆଦି ଦେଶରେ ବାଲ୍ୟ ବିବାହ ହାର ଜନସଚେତନତା ଏବଂ ଶକ୍ତିଶାଳୀ ଜନମତ ଯୋଗୁଁ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଆମ ଦେଶରେ ବ୍ରିଟିଶ ଶାସନ ଅମଳରୁ ବାଲ୍ୟ ବିବାହ ନିଷିଦ୍ଧ ହୋଇଥିବା ଏବେ ସ୍ୱାଧୀନତା ପରେ ବହୁ କଠୋର ଓ ଦଣ୍ଡନୀୟ ଆଇନ ପ୍ରଣୟନ ସତ୍ୱେ ୧୮ବର୍ଷରୁ କମ୍ ନାବାଳିକାଙ୍କ ବିବାହ ଏବେ ବି ଗଣମାଧ୍ୟମରେ ଶିରୋନାମା ପାଲଟିଛି। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଭାରତରେ ପ୍ରତିବର୍ଷ ୧.୫ ମିଲିଅନ ବାଲ୍ୟ ବିବାହ ହୋଇଛି। ତେବେ ଦେଶରେ ୧୯୯୩-୧୯୯୪ରେ ବାଲ୍ୟ ବିବାହ ହାର ୯.୪ ପ୍ରତିଶତ ଥିବାବେଳେ ୨୦୦୫-୦୬ରେ ଏହା ୨୩.୩ ପ୍ରତିଶତକୁ ହ୍ରାସ ପାଇଛି। ୧୯୯୩ରୁ ଦୁଇ ଦଶନ୍ଧି ମଧ୍ୟରେ ୧୫ ପ୍ରତିଶତ ହ୍ରାସ ପାଇଛି। ଏହା କେବଳ ସଚେତନତା, କଠୋର ଆଇନ, ବେଟି ବଢାଅ, ବେଟି ପଢାଓ ଏବଂ ବହୁ ବାଳିକା ସମୃଦ୍ଧି ଯୋଜନା ଯୋଗୁଁ ସମ୍ଭବ ହୋଇଛି। ଏହା ସତ୍ୱେ ଉତରପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ଦେଶର ଅର୍ଦ୍ଧାଧିକ ବାଲ୍ୟ ବିବାହ ପ୍ରତିବର୍ଷ ହେଉଥିବା ରିପୋର୍ଟ କହେ। ଆମ ରାଜ୍ୟରେ ବାଲ୍ୟ ବିବାହ ହାର ଜାତୀୟ ହାର ୨୩.୩ ପ୍ରତିଶତ ତଳେ ରହିଛି। ଅର୍ଥାତ ଓଡିଶାରେ ବାଲ୍ୟ ବିବାହ ହାର ୨୦.୫ ପ୍ରତିଶତ ରହିଛି। ଓଡିଶାର ୧୨ଟି ଜିଲ୍ଲାରେ ବାଲ୍ୟ ବିବାହ ହାର ଅଧିକ ରହିଥିବାବେଳେ ନବରଙ୍ଗପୁର ଜିଲ୍ଲା ସର୍ବାଗ୍ରେ ରହିଛି। ନବରଙ୍ଗପୁର ଜିଲ୍ଲାରେ ବାଲ୍ୟ ବିବାହ ହାର ସର୍ବୋଚ୍ଚ ୩୯.୪ ଥିବାବେଳେ ଦ୍ୱିତୀୟ ସ୍ଥାନରେ ନୟାଗଡ ଜିଲ୍ଲାରେ ୩୫.୭ ପ୍ରତଶତ ଏବଂ ତୃତୀୟ ସ୍ଥାନରେ କୋରାପୁଟ ୩୫.୫ ପ୍ରତିଶତ ରହିଥିବା ସରକାରୀ ତଥ୍ୟ ଜଣାଯାଏ। ସେହିପରି ରାୟଗଡା, ମାଲକନଗିରି, ମୟୁରଭଞ୍ଜ, ଗଜପତି, ବାଲେଶ୍ୱର, ବୌଦ୍ଧ, ଅନୁଗୁଳ ଓ କଂଗ୍ରେସ ଜିଲ୍ଲାରେ ବାଲ୍ୟ ବିବାହ ହାର ୨୦.୫ ପ୍ରତିଶତ ଉପରେ ରହିଛି। ସେହିପରି ଗ୍ରାମାଚଂଳରେ ବାଲ୍ୟ ବିବାହ ହାର ସହରାଚଂଳ ଠାରୁ ଅଧିକ ରହିଛି। ଗ୍ରାମାଚଂଳରେ ୧୪.୮ ପ୍ରତିଶତ ଥିବାବେଳେ ସହରାଚଂଳରେ ୭.୪୧ ପ୍ରତିଶତ ରହିଛି। ଗଲା ୫ବର୍ଷ ଅର୍ଥାତ ୨୦୧୯ ରୁ ୨୦୨୪ ମଧ୍ୟରେ ପ୍ରଶାସନ ୧୪୦୦ରୁ ଉର୍ଦ୍ଧ୍ୱ ବାଲ୍ୟ ବିବାହକୁ ରୋକି ପାରିଛି। ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅନ୍ୟପକ୍ଷରୁ ଭାରତକୁ ବାଳ ବିବାହ ମୁକ୍ତ କରିବା ପାଇଁ ସରକାରଙ୍କ ଅଭିଯାନ ଜାରି ରହିଛି। ଏହା ବ୍ୟତୀତ ଦେଶକୁ ବାଲ୍ୟ ବିବାହ ମୁକ୍ତ କରିବାପାଇଁ ୨୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନ (ଏନଜିଓ) କାର୍ଯ୍ୟରତ ଥିବାବେଳେ ଦେଶବ୍ୟାପୀ ୫ଲକ୍ଷରୁ ଉର୍ଦ୍ଧ୍ୱ ବିବାହକୁ କର୍ତ୍ତୃପକ୍ଷ ରୋକିପାରିଛନ୍ତି। ଏହା ନିସନ୍ଦେହ ଯେ, ବାଲ୍ୟ ବିବାହର ସମାପ୍ତି କେବଳ ଏକ ଆଇନ କିମ୍ବା ନୀତିଗତ ଲକ୍ଷ୍ୟ ନୁହେଁ, ଏହା ସାମାଜିକ ଆନ୍ଦୋଳନ, ମିଳିତ ଉତରଦାୟିତ୍ୱ, ସଂଗଠିତ ଅଭିଯାନ, ସହଯୋଗିତା, ସଚେତନତା ଏବଂ ନୈତିକ କର୍ତବ୍ୟ ଅପରିହାର୍ଯ୍ୟ। ସୁସ୍ଥ ଏବଂ ସୁଖୀ ସମାଜ ଗଠନ ପାଇଁ ବାଲ୍ୟ ବିବାହର ମୂଳୋପାଟନ ଜରୁରୀ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋବାଇଲ ନଂ-
୯୪୩୭୯୯୪୩୭୯

# "ଶ୍ରୀ ଅନୁକୂଳଂ ଶରଣଂ ଗଚ୍ଛାମି"



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି । ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ । କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ । ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୁଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି । ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି ।

ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ



। ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉସ୍ମୁଖୀ କରି ଷୋଡ଼ଶକଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ । ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶ୍ରୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ଯୁଗାବତାର କଲ୍‌କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
୯୪୩୭୦୫୧୯୫୭

# ମଧୁପୁରା ଖାଦାନକୁ ସଂଯୋଗ କରୁଥିବା ୪ଟି ବେଆଇନ ରାସ୍ତା କାଟିଲା ଖଣି ବିଭାଗ



**ବସ୍ତା, ୧୭।୬ :** ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁରା ଖାଦାନରୁ ବେଆଇନ ବାଲି ଚାଲାଣ ନେଇ 'ସକାଳ' ରେ ଖବର ପ୍ରସାରଣ ପରେ ବ୍ଲକ ଖଣି ବିଭାଗ ଆକ୍ସନ ମୁଡକୁ ଆସିଛି। ବୁଧବାର ବସ୍ତା ବ୍ଲକ ଖଣି ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ମଧୁପୁରା ଖାଦାନରେ ଚଢାଉ କରି ବେଆଇନ ଚାଲାଣ ପାଇଁ ବ୍ୟବହୃତ ୪ଟି କଚ୍ଚା ରାସ୍ତାକୁ ଜେସିବି ଲଗାଇ କାଟି ଦେଇଛି ମଧୁପୁରା ଖାଦାନରୁ ରାତିଅଧିଆ ବେଆଇନ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ଆସିବା ପରେ ଖବର ପ୍ରସାରିତ ହୋଇଥିଲା। ଏହାପରେ ବାଲେଶ୍ୱର ଜିଲ୍ଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶରେ ବସ୍ତା ବ୍ଲକ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା, ବସ୍ତା ଅତିରିକ୍ତ ତହସିଲଦାର ପିଜ୍ୟୁସ କାନ୍ତ ପ୍ରଧାନ, ଗୁଡିଖାଲ ରାଜସ୍ୱ ନିରୀକ୍ଷକ ମନୋଜ ସେଠି ଓ ସିଂଲା ପୋଲିସକୁ ନେଇ ଗଠିତ ମିଳିତ ଟିମ ଅପରାହ୍ନ ୪ଟାରେ ଖାଦାନରେ ପହଞ୍ଚିଥିଲେ। ଯାଞ୍ଚ ବେଳେ ଖାଦାନର ମୁଖ୍ୟ ପ୍ରବେଶ ପଥ ବ୍ୟତୀତ ଆଖପାଖ ବିଲ ଦେଇ ୪ଟି ଅସ୍ଥାୟୀ କଚ୍ଚା ରାସ୍ତା ତିଆରି ହୋଇ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ଖଣି ବିଭାଗ ତୁରନ୍ତ ଜେସିବି ମେସିନ ଲଗାଇ ସେହି ୪ଟି ରାସ୍ତାକୁ ଖୋଳି କାଟି ଦେଇଛି, ଯାହାଫଳରେ ଟ୍ରାକ୍ଟର ଓ ହାଇୱା ଚଳାଚଳ ବନ୍ଦ ହୋଇଛି। ପ୍ରକାଶ ଥାଉକି ଉକ୍ତ ଖାଦାନରୁ ଜିଲ୍ଲାର ଜଣେ ବିଡ଼ିଓ ଙ୍କ ପୁତୁରା କହି ଜୈନକ ଯୁବକ ପ୍ରାୟ ୨ଶହ କୋଟି ରୁ ଉର୍ଦ୍ଧ ଟଙ୍କାର ବାଲି ଚୋରି କରି ସୁବର୍ଣରେଖା ର ଏକ ଶାଖା ନଦୀ ଖୋଳିଥିବାର ପୂର୍ବରୁ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସି କହିଛନ୍ତି, ଦୀର୍ଘ ଦିନ ହେଲା ରାତିରେ ଶହ ଶହ ଟ୍ରାକ୍ଟର ବାଲି ନେଉଥିଲେ। ରାସ୍ତା ଖରାପ ହେବା ସହ ଧୂଳି ଉଡୁଥିଲା। ପ୍ରଶାସନ ଡେରିରେ ହେଲେ ବି ପଦକ୍ଷେପ ନେଲା, ଭଲ ହେଲା। କିନ୍ତୁ ମୁଖ୍ୟ ମାଫିଆଙ୍କୁ ଧରିଲେ ସ୍ଥାୟୀ ସମାଧାନ ହୋଇପାରିବ।

## ବିକଟାଳ ଶବ୍ଦ କରୁଥିବା ବୁଲେଟ୍ ବିରୋଧରେ କଡ଼ା ଅଭିଯାନ

# ସାଧା ପୋଷାକରେ ପୋଲିସର ଚଢ଼ଉ

■ ୩୦ରୁ ଅଧିକ ବାଇକ୍‌ରୁ ବେଆଇନ ସାଇଲେନ୍ସର ଖୋଲାଗଲା

**ବାଲେଶ୍ୱର, ୧୭।୬ :** ବାଲେଶ୍ୱର ସହରରେ ଦିନକୁ ଦିନ ବଢୁଥିବା ଶବ୍ଦ ପ୍ରଦୂଷଣକୁ ରୋକିବା ଏବଂ ସହରବାସୀଙ୍କୁ ଶାନ୍ତିପୂର୍ଣ୍ଣ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ କଡ଼ା ଅଭିଯାନ ଆରମ୍ଭ କରାଯାଇଛି। ବିଶେଷକରି ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବୁଲେଟ୍ ଓ ଅନ୍ୟାନ୍ୟ ମୋଟରସାଇକେଲ ବିରୋଧରେ ସହଦେବଖୁଣ୍ଟା ପୁଲିସ, ଟ୍ରାଫିକ ପୁଲିସ ଏବଂ ବାଲେଶ୍ୱର ଆରଟିଓ ବିଭାଗ ମିଳିତ ଭାବେ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ଯାଞ୍ଚ ଅଭିଯାନ ଚଳାଇଛନ୍ତି। ଯାଞ୍ଚ ବେଳେ କେତେକ ଯୁବକ ପୁଲିସକୁ ଚକମା ଦେଇ ଖସିଯାଉଥିବା ଦେଖି ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ କୁମାର ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସାଧା ପୋଷାକରେ ସହରର ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଅଭିଯାନରେ ୨୦ରୁ ଅଧିକ ବିକଟାଳ ଶବ୍ଦ କରୁଥିବା ବୁଲେଟ୍ ମୋଟରସାଇକେଲକୁ ଜବତ କରାଯାଇଥିଲା। ଜବତ ହୋଇଥିବା ଗାଡ଼ିଗୁଡ଼ିକରେ ବେଆଇନ ଭାବେ ଲଗାଯାଇଥିବା ଆଫ୍ଟର ମାର୍କେଟ୍ ସାଇଲେନ୍ସର ତୁରନ୍ତ ଖୋଲି ଦିଆଯାଇଥିଲା। ସେହିସହିତ ସମ୍ପୃକ୍ତ ଚାଳକମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଥିଲା। ନିୟମ ଅନୁଯାୟୀ ମାନକ ସାଇଲେନ୍ସର ଲଗାଇବା ପରେ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିୱାକରଙ୍କ ତତ୍ତ୍ୱାବଧାନରେ ସହରରେ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ବାଇକ୍ ଆରୋହୀଙ୍କ ବିରୋଧରେ ଏହି ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ଏବଂ ବେଆଇନ ଆଫ୍ଟର ମାର୍କେଟ୍ ସାଇଲେନ୍ସର ବ୍ୟବହାର କରୁଥିବା ବାଇକ୍‌ଗୁଡ଼ିକୁ ଚିହ୍ନଟ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଏପର୍ଯ୍ୟନ୍ତ ୩୦ରୁ ଅଧିକ ମୋଟରସାଇକେଲରୁ ବେଆଇନ ସାଇଲେନ୍ସର ଖୋଲାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସହରରେ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ସହ ନାଗରିକଙ୍କୁ ସୁସ୍ଥ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ଏହି ବିଶେଷ ଅଭିଯାନ ନିୟମିତ ଭାବେ ଜାରି ରହିବ ବୋଲି ପୁଲିସ ପ୍ରଶାସନ ସ୍ପଷ୍ଟ କରିଛି।



## ଜିଲ୍ଲାସ୍ତରୀୟ ମକଡ୍ରିଲ ଓ ଟେବୁଲଟପ ଏକସରସାଇଜ ପାଇଁ ପ୍ରସ୍ତୁତି

**ବାଲେଶ୍ୱର, ୧୭।୬ :** ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଏବଂ 'ଶୂନ୍ୟ ମୃତ୍ୟୁ' ଲକ୍ଷ୍ୟ ସାକାର କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଟେବୁଲଟପ ଏକସରସାଇଜ ଓ ମକଡ୍ରିଲ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଅଧକ୍ଷତାରେ ଜିଲ୍ଲା ଅଡିଟୋରିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ଓ ଜରୁରୀକାଳୀନ ପରିଚାଳନା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ଆସନ୍ତା ୧୮ ଜୁନରେ ଜିଲ୍ଲା, ବ୍ଲକ ଓ ପୌରାଞ୍ଚଳ ସ୍ତରରେ ଟେବୁଲଟପ ଏକସରସାଇଜ ଅନୁଷ୍ଠିତ ହେବା ସହ ୧୯ ଜୁନରେ ଜିଲ୍ଲାର ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ କରାଯିବ। ଏହା ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଅନୁସନ୍ଧାନ, ଉଦ୍ଧାର, ପ୍ରାଥମିକ ଚିକିତ୍ସା ଓ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ସଚେତନ କରାଯିବ। ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ୧୪୪ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସହ ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ୍ୟ ଏହି ମକଡ୍ରିଲ ଅନୁଷ୍ଠିତ ହେବ। ମକଡ୍ରିଲ ପୂର୍ବରୁ ଆଶ୍ରୟସ୍ଥଳୀଗୁଡ଼ିକର ଭିତ୍ତିଭୂମି, ଜରୁରୀ ସରଞ୍ଜାମ ଓ ଯନ୍ତ୍ରପାତିର ସ୍ଥିତି ପରୀକ୍ଷା କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବନ୍ୟା ଓ ବାତ୍ୟା ସମୟରେ ଉଦ୍ଧାର ଓ ଥଇଥାନ ବ୍ୟବସ୍ଥା, ଶୁଖିଲା ଓ ରନ୍ଧା ଖାଦ୍ୟ ମହଜୁଦ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଔଷଧ ଓ ଚିକିତ୍ସା ସାମଗ୍ରୀ ସଂରକ୍ଷଣ, ନଦୀବନ୍ଧ ମରାମତି, ପଶୁଧନ ସୁରକ୍ଷା ଏବଂ ଦୁର୍ଗମ ଅଞ୍ଚଳରେ ଖାଦ୍ୟଶସ୍ୟ ମହଜୁଦ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା, ବିଭିନ୍ନ ବିଭାଗର ଅଧିକାରୀ, ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବିଭାଗ, ସିଭିଲ ଡିଫେନ୍ସ, ସ୍ୱେଚ୍ଛାସେବୀ ସଂଗଠନ ଓ ଆପଦମିତ୍ର ସଦସ୍ୟମାନେ ଉପସ୍ଥିତ ଥିଲେ।

## କୋଲଡିଆରେ କ୍ରିକେଟ୍ କ୍ରେଜ୍

# ରଜରେ ଆୟୋଜିତ ହେଲା ନାଇଟ୍ ଟୁର୍ଣ୍ଣାମେଣ୍ଟ



**ଜଗତସିଂହପୁର, ୧୭।୬ :** ରଜ ପର୍ବର ଆନନ୍ଦ ଓ ଉତ୍ସାହ ମଧ୍ୟରେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳି ପଞ୍ଚାୟତର କୋଲଡିଆ ଗ୍ରାମ ମହାବୀର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି ଏକ ଆକର୍ଷଣୀୟ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ। ଆଇପିଏଲ୍ ଢାଞ୍ଚାରେ ଖେଳାଳିଙ୍କ ନିଲାମ ଓ ଦଳ ଗଠନ କରାଯାଇଥିବାରୁ ଟୁର୍ଣ୍ଣାମେଣ୍ଟକୁ ନେଇ ଗ୍ରାମବାସୀ ଏବଂ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଗ୍ରାମର ବରିଷ୍ଠ ଓ ଯୁବ ଖେଳାଳିଙ୍କୁ ନେଇ ମୋଟ ୮ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରଜ ଅବସରରେ କ୍ରୀଡ଼ା ମାଧ୍ୟମରେ ଭାଇଚାରା ଓ ଏକତାର ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ମହାବୀର କ୍ଲବ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଫାଇନାଲ୍ ମୁକାବିଲାରେ କେକେଆର୍ ନାଇଟ୍ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଆରସିକେ ଦଳ ୮ ଓଭରରେ ୬ ୱିକେଟ୍ ହରାଇ ୮୯ ରନ୍ ସଂଗ୍ରହ କରି ଚ୍ୟାଲେଞ୍ଜିଂ ଲକ୍ଷ୍ୟ ରଖିଥିଲା। ହେଲେ ସତ୍ୟଶିବ ପରିଡା ଓ ସୁବ୍ରତ ପରିଡାଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ଏହି ଲକ୍ଷ୍ୟ ତୁଚ୍ଛ ପ୍ରମାଣିତ ହୋଇଥିଲା। ମାତ୍ର ୬ ଓଭରରେ ବିଜୟ ହାସଲ କରି କେକେଆର୍ ନାଇଟ୍ ଦଳ ଚାମ୍ପିଅନ୍ ଟ୍ରଫି ଉପରେ କବଜା କରିଥିଲା। ଫାଇନାଲ୍ ମ୍ୟାଚ୍‌ରେ ୨୫ ବଲ୍ ?ରୁ ଦମଦାର ୫୩ ରନ୍ କରି ସତ୍ୟଶିବ ପରିଡା 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ହୋଇଥିବା ବେଳେ ସ୍ୱାଧୀନ ସାହୁ 'ବେଷ୍ଟ ବୋଲର' ପୁରସ୍କାର ହାସଲ କରିଥିଲେ। ଜଗନ୍ନାଥ ପାଣ୍ଡା ଓ ରାଜେନ୍ଦ୍ର ବେହେରା ଅମ୍ପାୟାର୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସମାଜସେବୀ ରାଜକିଶୋର ପତି ଓ ନୀଳାଦ୍ରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା, ଉପବିଜେତା ଏବଂ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ମାଗୁରଥ ସାମଲ ଓ ବିଶ୍ୱଜିତ ଦାସ ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ରଜ ପର୍ବ ଅବସରରେ ଆୟୋଜିତ ଏହି ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୋଲଡିଆ ଗ୍ରାମର କ୍ରୀଡ଼ାପ୍ରେମ, ଏକତା ଓ ସାମାଜିକ ସମ୍ପ୍ରୀତିର ଏକ ସୁନ୍ଦର ନିଦର୍ଶନ ପାଲଟିଥିବା ବେଳେ ରାତିସାରା ଦର୍ଶକଙ୍କ ଉତ୍ସାହ ଓ କରତାଳିରେ ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା।

# ZRUCC ବୈଠକରେ ରେଳ ସମସ୍ୟା ଓ ବିକାଶ ଦାବି ଉଠାଇଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ




**ବାଲେଶ୍ୱର, ୧୭।୬ :** କଲିକତାସ୍ଥିତ ତାଜ ବେଙ୍ଗଲ ହୋଟେଲର କ୍ରିଷ୍ଟାଲ ହଲରେ ଆୟୋଜିତ ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା ସମିତି (ZRUCC) ବୈଠକରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବାଲେଶ୍ୱର ଲୋକସଭା କ୍ଷେତ୍ରର ବିଭିନ୍ନ ରେଳ ସମ୍ବନ୍ଧୀୟ ଜନସ୍ୱାର୍ଥ ଦାବିକୁ ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ଜୋରଦାର ଭାବେ ଉପସ୍ଥାପନ କରିଛନ୍ତି। ବୈଠକରେ ସେ ବାଲେଶ୍ୱର ମୁଖ୍ୟ ରେଳ ଷ୍ଟେସନର ପୁନଃନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତି, ଅମର୍ଦ୍ଦା ରୋଡ଼ ରେଳ ଗେଟ୍ ନଂ–୫୭ରେ ଫ୍ଲାଏଓଭର ନିର୍ମାଣ, ଜଳେଶ୍ୱର–ଚନ୍ଦନେଶ୍ୱର ରେଳ ପ୍ରକଳ୍ପର ଅଗ୍ରଗତି ଏବଂ ଦୀଘା ପର୍ଯ୍ୟନ୍ତ ସମ୍ପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ସେହିପରି ଗୋପୀନାଥପୁର–ନୀଳଗିରି ଷ୍ଟେସନରେ ତଜଝ ବ୍ୟବସ୍ଥା ଆରମ୍ଭ, ମାର୍କୋଣା ଷ୍ଟେସନରେ ଇଷ୍ଟକୋଷ୍ଟ ଏକ୍ସପ୍ରେସର ରହଣି ପୁନଃସ୍ଥାପନ, ବାଲେଶ୍ୱର–ଭୁବନେଶ୍ୱର ଗରଗଟ ଟ୍ରେନକୁ ନୀଳଗିରି ପର୍ଯ୍ୟନ୍ତ ବଢ଼ାଇବା, ଜଳେଶ୍ୱର–ପୁରୀ ଗରଗଟ ଟ୍ରେନରେ ଅତିରିକ୍ତ ବଗି ସଂଯୋଜନ ଓ ବଡୁଆ ଷ୍ଟେସନରେ ଲୋକାଲ ଟ୍ରେନ ରହଣି ପାଇଁ ଦାବି ରଖିଥିଲେ। ବାଲେଶ୍ୱରରୁ ଅହମଦାବାଦ ଓ ମୁମ୍ବାଇକୁ ନୂତନ ଟ୍ରେନ ସେବା, ନୀଳଗିରି–ବାଲେଶ୍ୱର ଟ୍ରେନକୁ ପୁରୀ ଓ କଲିକତା ପର୍ଯ୍ୟନ୍ତ ସମ୍ପ୍ରସାରଣ, ଅମର୍ଦ୍ଦା ରୋଡ଼ ଷ୍ଟେସନରେ PRS କାଉଣ୍ଟର ଖୋଲିବା, ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଓ ଦୁରନ୍ତ ଏକ୍ସପ୍ରେସର ରହଣି ପ୍ରଦାନ ନେଇ ମଧ୍ୟ ସେ ଦାବି କରିଥିଲେ। ଏହା ସହିତ ଖନ୍ତାପଡ଼ା, ପଣପଣା, ସୋର, ବସ୍ତା, ରୂପସା, ବେତନୋଟି, ଟିକିରାପାଳ, ଅମର୍ଦ୍ଦା ରୋଡ଼, ମାର୍କୋଣା ଓ ଗୋପୀନାଥପୁର–ନୀଳଗିରି ଅଞ୍ଚଳରେ ରେଳ ଭିତ୍ତିଭୂମି, ଫ୍ଲାଏଓଭର, ଆପ୍ରୋଚ୍ ରୋଡ଼, ଫୁଟ୍ ଓଭର ବ୍ରିଜ୍ ଏବଂ ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ମଧ୍ୟ ରେଳବାଇର ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଉପସ୍ଥିତ ରେଳବାଇର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିବାବେଳେ, ବାଲେଶ୍ୱରରୁ ତଜଟଉଉ ସଦସ୍ୟ ଶ୍ରୀ ମୋହିତ ପୋଦାର ମଧ୍ୟ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ସାଂସଦ ଓ ତଜଟଉଉ ସଦସ୍ୟମାନେ ଉପସ୍ଥିତ ଥିଲେ।

# ତିରିଖି ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଚାର ବିଭାଗୀୟ ତଦନ୍ତ ଦାବି




**ବାଲେଶ୍ୱର, ୧୭।୬ :** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିରିଖି ପଞ୍ଚାୟତର ସରପଞ୍ଚ ସୁଶ୍ରୀ ଚାମେଲି ଓଝାଙ୍କ ସହ ଘଟିଥିବା ଘଟଣାକୁ ନେଇ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ସୋସାଇଟି ପକ୍ଷରୁ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସିଭିଲ୍ ସୋସାଇଟିର ମତାନୁସାରେ, ରାଜ୍ୟ ସରକାର ଦୁଇ ବର୍ଷର ପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କ ପ୍ରତି ସ୍ଥାନୀୟ ପ୍ରଶାସନ ଓ ପୋଲିସର ବ୍ୟବହାର ଚିନ୍ତାଜନକ। ଚାମେଲି ଓଝାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ନିରପେକ୍ଷ ତଦନ୍ତ କରାଯାଇ ଅଭିଯୋଗରେ ଉଲ୍ଲେଖିତ ସମସ୍ତ ଦୋଷୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି।ସୋସାଇଟି ପକ୍ଷରୁ କୁହାଯାଇଛି ଯେ, କେବଳ ଜଣେ କିମ୍ବା ଦୁଇଜଣଙ୍କୁ ଗିରଫ କରି ଘଟଣାର ପରିସମାପ୍ତି କରିବା ପରିବର୍ତ୍ତେ ଅଭିଯୋଗପତ୍ରରେ ନାମ ଥିବା ସମସ୍ତ ବ୍ୟକ୍ତିଙ୍କ ଭୂମିକାର ତଦନ୍ତ ହେବା ଆବଶ୍ୟକ। ଏହାସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଘରୋଇ ବିଭାଗ ଅଧିକ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି।ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ମନୋଜ ନାୟକ ପ୍ରସଙ୍ଗ ଉପରେ ଆଲୋକପାତ କରି ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ଚିନ୍ତା ବ୍ୟକ୍ତ କରିଥିଲେ। ବୈଠକରେ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକ ନେତା ଶ୍ୟାମସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପୁରୁଷୋତ୍ତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୬ ବର୍ଷ ପରେ କଂଗ୍ରେସ ଛାଡ଼ିଲେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି

## ପିସିସି ସଭାପତି, ଜିଲ୍ଲା ଓ ବ୍ଲକ ନେତୃତ୍ୱଙ୍କ ଉପରେ ବର୍ଷିଲେ ପି. ଶିବପ୍ରସାଦ ଦୋରା




**କୁକୁଡାଖଣ୍ଡି, ୧୭।୬ :** କୁକୁଡାଖଣ୍ଡି ବ୍ଲକ କଂଗ୍ରେସ ରାଜନୀତିରେ ଏକ ବଡ଼ ଘଟଣାକ୍ରମ ଦେଖିବାକୁ ମିଳିଛି। ଦୀର୍ଘ ୨୬ ବର୍ଷ ଧରି କଂଗ୍ରେସ ସଂଗଠନ ସହ ଜଡ଼ିତ ରହିଥିବା ଯୁବନେତା ତଥା କୁକୁଡାଖଣ୍ଡି ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ପି. ଶିବପ୍ରସାଦ ଦୋରା (ଟୁଟୁ) ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଘୋଷଣା କୁକୁଡାଖଣ୍ଡି ଅଞ୍ଚଳର କଂଗ୍ରେସ ସଂଗଠନ ପାଇଁ ଏକ ବଡ଼ ଝଟକା ଭାବେ ଦେଖାଦେଇଛି। ବୁଧବାର କୁକୁଡାଖଣ୍ଡି ସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପି. ଶିବପ୍ରସାଦ ଦୋରା ତାଙ୍କ ଇସ୍ତଫା ସମ୍ପର୍କରେ ଘୋଷଣା କରିଥିଲେ। ସେ କହିଥିଲେ ଯେ, ୨୦୦୧ ରୁ କଂଗ୍ରେସ ସହିତ କାମ କାମ କରି ୨୦୦୯ ମସିହାରୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ କଂଗ୍ରେସ ଦଳ ର ବିଭିନ୍ନ ପଦପଦବୀରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳ ପାଇଁ କାମ କରିବା ସହିତ ବ୍ରହ୍ମପୁର ଲୋକସଭା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ସେ ଦୁଇ ଥର କୁକୁଡାଖଣ୍ଡି ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନେଇ ସଂଗଠନକୁ ମଜବୁତ କରିବା ଦିଗରେ କାର୍ଯ୍ୟ କରିଥିଲେ।ତେବେ ଦଳୀୟ କର୍ମୀମାନଙ୍କୁ ଅଣଦେଖା କରାଯାଉଥିବା ଏବଂ ତୃଣମୂଳ ସ୍ତରର କର୍ମୀଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ କରି ସେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଏହି ଅବସରରେ ସେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସ, ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ ଓ ସ୍ଥାନୀୟ ସଂଗଠନ ନେତୃତ୍ୱ ଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଦଳର ବର୍ତ୍ତମାନ ନେତୃତ୍ୱ ତୃଣମୂଳ ସ୍ତରର କର୍ମୀଙ୍କୁ ଅବହେଳା କରୁଥିବାରୁ ସଂଗଠନ ଦୁର୍ବଳ ହେଉଥିବା ସେ ଅଭିଯୋଗ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦୋରା ରାଜ୍ୟର ବର୍ତ୍ତମାନ ବିଜେପି ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳକୁ ମଧ୍ୟ ସମାଲୋଚନା କରିଥିଲେ। ସରକାର ଜନସାଧାରଣଙ୍କ ଆଶା ଅନୁଯାୟୀ କାମ କରିବାରେ ବିଫଳ ହୋଇଥିବା ସେ କହିଥିଲେ।ଏହି ଘଟଣାକୁ ନେଇ କୁକୁଡାଖଣ୍ଡିର ବରିଷ୍ଠ ରାଜନେତା କେ. ମଣି ବାବୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ପି. ଶିବପ୍ରସାଦ ଦୋରାଙ୍କ ଭଳି ଜଣେ ସଂଗଠନିକ ନେତାଙ୍କ ଇସ୍ତଫା ଆଗାମୀ ଦିନରେ କଂଗ୍ରେସ ସଂଗଠନ ଉପରେ ପ୍ରଭାବ ପକାଇପାରେ। ଏହାର ପ୍ରଭାବ ବ୍ଲକ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଅନୁଭୂତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ପୂର୍ବତନ ବ୍ଲକ ସଭାପତିଙ୍କ ଏହି ନିଷ୍ପତ୍ତିକୁ କଙ୍କିଆର ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରଶେଖର ମଲ୍ଲିକ, ସଞ୍ଜୀବ ପଟ୍ଟନାୟକ, ଏ. ଫକୀର, ବନବାସୀ ପାଡ଼ୀଙ୍କ ସମେତ ଅନେକ କଂଗ୍ରେସ କର୍ମୀ ସମର୍ଥନ ଜଣାଇଥିଲେ। ପରିଶେଷରେ ଶ୍ରୀ ଦୋରା କ ?ହିଛନ୍ତି ଯେ ମୁଁ ଇସ୍ତଫା ଦେଇଛି କିନ୍ତୁ କୁକୁଡାଖଣ୍ଡି ବ୍ଲକ ବାସୀ ଙ୍କ ସେବା ପାଇଁ ମୋ ଦ୍ୱାରା ସବୁଦିନ ପାଇଁ ଖୋଲା ରହିବ ଏବଂ ଜନସେବା ଜାରି ରହିବ।ଫଳରେ କୁକୁଡାଖଣ୍ଡି ବ୍ଲକ କଂଗ୍ରେସ ରାଜନୀତିରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଆଗାମୀ ଦିନରେ ଏହାର ରାଜନୈତିକ ପ୍ରଭାବ କିପରି ରହିବ ସେନେଇ ସମସ୍ତଙ୍କ ନଜର ରହିଛି।

## ରାଜ୍ୟ ସରକାରଙ୍କ ଘୋଷଣା ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଦାବି

# ଚଉମୁଖ–ଡଗରାକୁ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ଗଣଧାରଣା



**ବାଲେଶ୍ୱର, ୧୭।୬ :** ବାଲିଆପାଳ ବ୍ଲକ୍‌ର ଚଉମୁଖ–ଡଗରା ଅଞ୍ଚଳକୁ ରାଜ୍ୟ ସରକାରଙ୍କ ପୂର୍ବ ଘୋଷଣା ଏବଂ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକାଶ କରିବା ଦାବିରେ ବୁଧବାର ଶତାଧିକ ସ୍ଥାନୀୟ ବାସିନ୍ଦା ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁବାସ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଧାରଣାରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇଥିଲେ। ବକ୍ତାମାନେ କହିଥିଲେ ଯେ, ୧୯୯୮ ମସିହାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଚଉମୁଖ–ଡଗରା ବେଳାଭୂମିକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ସ୍ୱୀକୃତି ଦେଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହାର ବିକାଶ ଦିଗରେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିସ୍ତୀର୍ଣ୍ଣ ବେଳାଭୂମି, ଝାଉଁ ଓ ହେନ୍ତାଳ ବନ, ଜୈବ ବିବିଧତା, ନାଲି ଓ ନୀଳରକ୍ତ କଙ୍କଡ଼ାଙ୍କ ବାସସ୍ଥଳୀ ସହିତ ଅଲିଭ୍ ରିଡ୍‌ଲେ କଇଁଚଙ୍କ ଅଣ୍ଡାଦାନ କ୍ଷେତ୍ର ହୋଇଥିବାରୁ ଚଉମୁଖ–ଡଗରାର ପର୍ଯ୍ୟଟନ ସମ୍ଭାବନା ଅତ୍ୟନ୍ତ ଉଜ୍ଜ୍ୱଳ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହାର ବିକାଶ ହେଲେ ସ୍ଥାନୀୟ ଲୋକଙ୍କ ଜୀବିକା ଓ ରାଜ୍ୟର ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି ବକ୍ତାମାନେ କହିଥିଲେ।ପରେ ଅନୁଜ ମହାପାତ୍ର, ନାରାୟଣ ଖଟୁଆ, ଅନୁପ ମହାନ୍ତି, କନକଲତା ଦେ, କୁନି ମଣ୍ଡଳ ଓ ଜୟନ୍ତୀ ଖଟୁଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କୁ ସାକ୍ଷାତ କରି ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହା ସହ ସୁବର୍ଣ୍ଣରେଖା ନଦୀଗର୍ଭରେ ଲୀନ ହେଉଥିବା ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ ପଥରବନ୍ଧ ନିର୍ମାଣ ଦାବି ମଧ୍ୟ କରାଯାଇଥିଲା।ଧାରଣାରେ ବିଭିନ୍ନ ରାଜନୈତିକ ଦଳ, ଗଣସଂଗଠନ ଓ ବୁଦ୍ଧିଜୀବୀ ମହଲର ପ୍ରତିନିଧିମାନେ ଯୋଗଦେଇ ଚଉମୁଖ–ଡଗରାର ବିକାଶ ପାଇଁ ତୁରନ୍ତ ସରକାରୀ ପଦକ୍ଷେପ ନେବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ଗଢ଼ି ଉଠିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୮ ଜୁନ୍ ୨୦୨୬

# କେନାଲ ବନ୍ଧରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହରେ ଚାଞ୍ଚଲ୍ୟ

- ପରିବାରର ଅଭିଯୋଗ ପରେ ତଦନ୍ତ ଜୋରଦାର
- ଦୁଇ ସନ୍ଦେହଭାଜନ ପୋଲିସ ହେପାଜତରେ



**ଫୁଲନଖରା,୧୭।୬ :** ପାହାଳ ଥାନା ଅନ୍ତର୍ଗତ ସିନର୍ଜି ଇଞ୍ଜିନିୟରିଂ କଲେଜ ନିକଟସ୍ଥ କେନାଲ ବନ୍ଧ ଉପରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବକ ଜଣକ ହେଲେ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମର ପ୍ରଭାତ କୁମାର ବେହେରା ଓରଫ ଜଗା। ଘଟଣାକୁ ନେଇ ପରିବାର ଲୋକେ ଏହାକୁ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିବା ବେଳେ ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପ୍ରଭାତ ନଗରୀ ଗ୍ରାମର ଜଣେ ଗାଡ଼ି ମାଲିକଙ୍କ ପାଖରେ ରହି ଗାଡ଼ିର ଦେଖାଶୁଣା କାମ କରୁଥିଲେ। କିଛି ଦିନ ହେବ ସେ ସେହି କାମରୁ ଦୂରରେ ରହୁଥିଲେ। ତେବେ ଗତକାଲି ରାତିରେ ସମ୍ପୃକ୍ତ ଗାଡ଼ି ମାଲିକ ତାଙ୍କୁ ଘରୁ ଡାକି ନେଇଥିବା ଅଭିଯୋଗ ହୋଇଛି। ଏହା ପରେ ବିଳମ୍ବିତ ରାତିରେ ପ୍ରଭାତ ଘରୁ ବାହାରି ଯାଇଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ମୃତଦେହ କେନାଲ ବନ୍ଧ ଉପରୁ ଉଦ୍ଧାର କରାଯାଇଥିଲା। ମୃତଦେହର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଚିହ୍ନ ଥିବା ଦେଖାଯାଇଥିବାରୁ ଘଟଣାଟି ଅଧିକ ସନ୍ଦେହଜନକ ହୋଇପଡ଼ିଛି। ଖବର ପାଇ ପାହାଳ ପୋଲିସ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ତଦନ୍ତ ପାଇଁ ମୃତକ ବ୍ୟବହାର କରୁଥିବା ଗାଡ଼ି, ମୋବାଇଲ ଫୋନ ସହ ଅନ୍ୟାନ୍ୟ ଜରୁରୀ ସାମଗ୍ରୀକୁ ଜବତ କରାଯାଇଛି। ଅନ୍ୟପଟେ ନ୍ୟାୟ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକମାନେ ଫୁଲନଖରା-ନିଆଳି ମୁଖ୍ୟ ରାସ୍ତାରେ ମୃତଦେହ ରଖି ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ଘଟଣାର ନିରପେକ୍ଷ ଓ ଦ୍ରୁତ ତଦନ୍ତ କରିବାକୁ ସେମାନେ ଦାବି ଉଠାଇଥିଲେ। ଫଳରେ କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅତିରିକ୍ତ ଡିସିପି ଅନୁପ କାନୁନଗୋ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ। ସେ ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ତୁରନ୍ତ ସହାୟତା ପ୍ରଦାନ କରିବା ସହ ଘଟଣାରେ ସମ୍ପୃକ୍ତ ଦୁଇ ଜଣ ମୁଖ୍ୟ ସନ୍ଦେହଭାଜନଙ୍କୁ ପୋଲିସ ହେପାଜତକୁ ନିଆଯାଇଥିବା ସୂଚନା ଦେଇଥିଲେ। ଏହା ପରେ ପରିବାର ଲୋକଙ୍କୁ ବୁଝାସୁଝା କରାଯିବା ସହ ରାସ୍ତା ଅବରୋଧ ହଟିଥିଲା ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଘଟଣାସ୍ଥଳରେ ଏସିପି, ପାହାଳ ଥାନା ଆଇଆଇସି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି। ପୋଲିସ ପକ୍ଷରୁ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଉଥିବା ସହ ଖୁବ ଶୀଘ୍ର ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣି ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି।ଦିନକୁ ଦିନ ଫୁଲନଖରା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘଟୁଥିବା ଅପରାଧିକ ଘଟଣା ସାଧାରଣ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି। ବିଶେଷକରି ରାତ୍ରି ସମୟରେ କେନାଲ ବନ୍ଧ, ନିଛାଟିଆ ରାସ୍ତା ଏବଂ ଜନଶୂନ୍ୟ ସ୍ଥାନଗୁଡ଼ିକରେ ପୋଲିସର ନିୟମିତ ପେଟ୍ରୋଲିଂ ନ ଥିବାରୁ ଅସାମାଜିକ ତତ୍ତ୍ୱମାନେ ସୁଯୋଗ ନେଉଥିବା ଅଭିଯୋଗ ହେଉଛି। ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପାହାଳ ପୋଲିସ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୋଲିସ ମୁତୟନ ବଢ଼ାଇବା, ସିସିଟିଭି ନଜରଦାରୀକୁ ସୁଦୃଢ଼ କରିବା ଏବଂ ଅପରାଧୀଙ୍କ ବିରୋଧରେ ନିର୍ଭୀକ ଭାବେ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଜଣେ ନିରୀହ ଯୁବକଙ୍କ ମୃତ୍ୟୁ ପରେ ଯଦି ପ୍ରଶାସନ ସତର୍କ ନ ହୁଏ, ତେବେ ଭବିଷ୍ୟତରେ ଏପରି ଘଟଣା ପୁଣି ଦୋହରାଇବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ତେଣୁ ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଏବଂ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ତୁରନ୍ତ ସୁଦୃଢ଼ କରିବା ସମୟର ଦାବି ହୋଇପଡ଼ିଛି।

# ମା' ବାଳକୁମାରୀ କାର ମାଲିକ ସଂଘ ପକ୍ଷରୁ ପଣା ବଣ୍ଟନ

**ଚିକିଟି,୧୭।୬ :** ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ ମା ବାଳ କୁମାରୀ କାର ସଙ୍ଘ ପକ୍ଷରୁ ପବିତ୍ର ରଜ ସଂକ୍ରାନ୍ତି ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଘ ସଭାପତି ସୁଶାନ୍ତ ସାହୁ, ସମ୍ପାଦକ ନୃସିଂହ ପଣ୍ଡିତ ଙ୍କ ନେତୃତ୍ୱ ରେ ସମସ୍ତ



ସଦସ୍ୟ ଉପସ୍ଥିତ ରହି ରାସ୍ତାରେ ଯାଉଥିବା ଯାତ୍ରୀ ମାନଙ୍କୁ ରସାବଳୀ ପଣା ବଣ୍ଟନ କରିଥିଲେ।ପ୍ରାୟ ହଜାର ରୁ ଉର୍ଦ୍ଧ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିବା ବେଳେ ସଙ୍ଘ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ଜନ ହିତକର କାର୍ଯ୍ୟ ଜାରି ରଖିଥିବା ଜଣାପଡିଛି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି



**ବାଲେଶ୍ୱର,୧୭।୬ :** ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ମଙ୍ଗଳବାର ବସ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ଏହି ଜନଶୁଣାଣୀରେ ବସ୍ତା ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା ୯୫ ଜଣ ଅଭିଯୋଗକାରୀ ନିଜ ନିଜ ସମସ୍ୟା ସମ୍ପର୍କିତ ଅଭିଯୋଗପତ୍ର ଦାଖଲ କରିଥିଲେ।ପ୍ରାପ୍ତ ଅଭିଯୋଗ ମଧ୍ୟରୁ ୮୦ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଅଭିଯୋଗ ଥିବାବେଳେ, ସେଥିମଧ୍ୟରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଯଥାଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଜନଶୁଣାଣୀରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ କୁମାର ସିଂହ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ରାଉତ, ଉପଜିଲ୍ଲାପାଳ ଶ୍ରୀ ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ଦିଲ୍ଲୀପ କୁମାର ଜେନା, ବିଡିଓ ବସ୍ତା ଶ୍ରୀ ମିହିର ରଞ୍ଜନ ବେହେରା, ତହସିଲଦାର ଶ୍ରୀ ସୁଶାନ୍ତ କୁମାର ପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ ଓ ପ୍ରଶାସନ ପ୍ରତି ଲୋକଙ୍କ ବିଶ୍ୱାସ ବୃଦ୍ଧି ଲକ୍ଷ୍ୟରେ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଜଣାପଡ଼ିଛି।

### ଚାଳ ଘରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ସର୍ବସ୍ୱ, ପୋଡ଼ି ପାଉଁଶ ହେଲା ଆସବାବପତ୍ର



**ଜଗତସିଂହପୁର, ୧୭।୬ :** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତର ନାଉଗାଁ ଗ୍ରାମରେ ସୋମବାର ସକାଳେ ଏକ ଚାଳ ଘରେ ଭୟାବହ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଅଗ୍ନିକାଣ୍ଡରେ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ଓ ଘରୋଇ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନାଉଗାଁ ଗ୍ରାମର ଦମ୍ବରୁଧର ଦାସଙ୍କ ଚାଳ ଘରେ ସକାଳ ପ୍ରାୟ ୯ଟା ୦୫ ମିନିଟ୍ ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଘରୁ ଧୂଆଁ ଓ ନିଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଜସ୍ୱ ଉଦ୍ୟମରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ସେହି ସହିତ ଏରସମା ଓ ତିର୍ତ୍ତୋଲ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ଏରସମା ଅଗ୍ନିଶମ କେନ୍ଦ୍ରର ଦୁଇଟି ଦମକଳ ଗାଡ଼ି ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ନିର୍ବାପନ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ତିର୍ତ୍ତୋଲ ଅଗ୍ନିଶମ କେନ୍ଦ୍ରର ଏକ ଦମକଳ ଗାଡ଼ି ମଧ୍ୟ ସହାୟତା ପାଇଁ ପହଞ୍ଚିଥିଲା। ତେବେ ପରିସ୍ଥିତି ନିୟନ୍ତ୍ରଣରେ ଥିବାରୁ ତିର୍ତ୍ତୋଲ ଦମକଳ ବାହିନୀ ପୁଣି ଫେରିଯାଇଥିଲେ।

ଦମକଳ ବାହିନୀ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅଗ୍ନିକୁ ସଂପୂର୍ଣ୍ଣ ଭାବେ ଆୟତ୍ତ କରାଯାଇଥିଲେ ମଧ୍ୟ ଘର ଭିତରେ ଥିବା ଆସବାବପତ୍ର, ପୋଷାକ ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ କ୍ଷୟକ୍ଷତିର ପରିମାଣ ଆକଳନ କରାଯାଉଛି। ଘଟଣା ପରେ ଅଞ୍ଚଳରେ କିଛି ସମୟ ପାଇଁ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା।

# ମା' ପାର୍ବତୀଙ୍କ ମଙ୍ଗୁଳି କାର୍ଯ୍ୟକ୍ରମ



**ବଣାଇଁ, ୧୭।୬ :** ସୁନ୍ଦରଗଡ ଜିଲ୍ଲା ବଣାଇ ସ୍ଥିତ ବାବା ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆସନ୍ତା କାଲି ମା ପାର୍ବତୀ ଏବଂ ବାବା ଶିବଙ୍କ ବିବାହ ହେବାକୁ ଯାଉଥିବା ବେଳେ ବିବାହ ଉତ୍ସବକୁ ନେଇ ବହୁତ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି କନ୍ୟା ପିତା ଓ ମାତା ରାଜୁ ପୃଷ୍ଟେଠ ଓ କବିତା ପୃଷ୍ଟେଠ। ଆଜି ସକାଳ ୧୦ ଘଟିକା ସମୟରେ ଭକ୍ତିମୟ ପରିବେଶ ମଧ୍ୟରେ ମା' ପାର୍ବତୀଙ୍କ ମଙ୍ଗୁଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ ଲୋକନୃତ୍ୟ ଦଳ, ସାଂସ୍କୃତିକ ଦଳ ଓ ଢୋଲ, ନିଶାନ, ଘଣ୍ଟ, ଶଙ୍ଖ ଆଦି ବାଦ୍ୟର ତାଳେ ତାଳେ ଏକ ଶତାଧିକ ଲୋକଙ୍କ ବିଶାଳ ଶୋଭାଯାତ୍ରାରେ ମା' ପାର୍ବତୀଙ୍କ ପ୍ରତୀକାତ୍ମକ ଯାତ୍ରାକୁ ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗୁଳି ପାଇଁ ଯାଇଥିବା ଏହି ଶୋଭାଯାତ୍ରାରେ ଅଞ୍ଚଳର କଳାକାରମାନେ ଆକର୍ଷଣୀୟ ଲୋକନୃତ୍ୟ ପରିବେଷଣ କରିଥିବା ବେଳେ ଢୋଲ ବାଦ୍ୟର ଗର୍ଜନରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ବଣାଇ ସ୍ଥିତ ମା ବାସୁଳୀ ମନ୍ଦିରରେ ପହଞ୍ଚି ମା ପାର୍ବତୀଙ୍କ ବାପା ଓ ମା ହୋଇ ଆଜି ମଙ୍ଗଳପାକ କରିଥିଲେ। ଆସନ୍ତା କାଲି ବରଯାତ୍ରୀ ଆସିବା ନେଇ ଏବେରୁ ସଜବାଜ ହେଉଛନ୍ତି କନ୍ୟାଘର ଲୋକେ। ଭକ୍ତମାନେ ଜୟ ମା' ପାର୍ବତୀ ଓ ହର ହର ମହାଦେବ ଧ୍ୱନିରେ ପରିବେଶକୁ ପ୍ରକମ୍ପିତ କରିଥିଲେ। ଏହି ଭବ୍ୟ ଆୟୋଜନ ଅଞ୍ଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନାର ଏକ ନିଆରା ଛାପ ଦେଖିବାକୁ ମିଳିଥିଲା। ଭାଗ୍ୟରେ ଥିଲେ ମା ପାର୍ବତୀଙ୍କ ପିତା ଭାବେ କନ୍ୟାଦାନ କରିବାର ସୁଯୋଗ ମିଳେ ବୋଲି ଉଭୟ ପିତାମାତା ଭାବ ବିହ୍ୱଳ ହୋଇ ପ୍ରକାଶ କରିଥିଲେ।

# ଜନ୍ମରୁ ସଂପୂର୍ଣ୍ଣ ଆଖି ଦୁଇଟି ନଷ୍ଟ ହୋଇଥିଲେ ମଧ୍ୟ ସରକାରି ଯୋଜନାରୁ ବଞ୍ଚିତ



**ବସ୍ତା,୧୭।୬ :** ବ୍ଲକ୍ ଅନ୍ତର୍ଗତ ବରୁଣଗଡିଆ ପଞ୍ଚାୟତ ର ସଦାନନ୍ଦପୁର ଗ୍ରାମ ର ଲିଟୁ ପଣ୍ଡା, ସ୍ୱର୍ଗତ ନାରାୟଣ ପଣ୍ଡା ଙ୍କ ର ରୋଜଗାରିଆ ପୁଅ ଜନ୍ମରୁ ସଂପୂର୍ଣ୍ଣ ଆଖି ଦୁଇଟି ନଷ୍ଟ ହୋଇଯାଇଛି,୨୦୧୨ ମସିହା ରେ ସଂପୂର୍ଣ୍ଣ ଦୃଷ୍ଟିଶକ୍ତିହୀନ ଦିବ୍ୟାଙ୍ଗ ର ପ୍ରମାଣପତ୍ର ପାଇଥିଲେ ମାତ୍ର ତାହା ଏବେ ୩୫୦୦/-ଭତ୍ତା ପାଇଁ ଗ୍ରହଣୀୟ ନୁହେଁ। ଡିଜିଟାଲ ସାର୍ଟିଫିକେଟ ପାଇଁ ସେ ୧ ଜାନୁଆରୀ ୨୦୨୫ ରେ ଅନଲାଇନ ଆବେଦନ କରିଥିଲେ, ମାତ୍ର ଏ ପର୍ଯ୍ୟନ୍ତ ସେ ଡିଜିଟାଲ ସାର୍ଟିଫିକେଟ ପାଇ ନାହାନ୍ତି, ଏ ନେଇ ସ୍ଥାନିୟ ସରପଞ୍ଚ ବ୍ଲକ ବିଡିଓ ଗ୍ରାଇଭନ୍ସ କୁ ଜଣାଇ ଥିଲେ ବାରମ୍ବାର ବାଲେଶ୍ୱର ରୁ ବସ୍ତା ରୁ ବାଲେଶ୍ୱର ଦୌଡି ଦୌଡି ସଂପୂର୍ଣ୍ଣ ନିରାଶ ହୋଇଯାଇଛନ୍ତି,ଏପଟେ ବାପାଙ୍କ ର ସାପ କାମୁଡ଼ାରେ ଜୀବନ ଚାଲିଯାଇଥିବା ପରେ କଟକ ବଡ଼ ଡାକ୍ତରଖାନାରୁ ତାଙ୍କୁ ଶବ ବ୍ୟବଚ୍ଛେଦ ର ରିପୋର୍ଟ ଆସିଛି କି ସେ ହୃଦଘାତରେ ମୃତ୍ୟୁ ବରଣ କରିଛନ୍ତି ଯାହାକି ସରକାର ଙ୍କ ପାଖରୁ ସାପକାମୁଡ଼ା ରେ ମୃତ୍ୟୁ ବରଣ କରିଥିବା ସହାୟତା ରାଶି ରୁ ସେ ସଂପୂର୍ଣ୍ଣ ବାଦ୍ ପଡ଼ିଛନ୍ତି , ଏ ନେଇ ସ୍ଥାନିୟ ସରପଞ୍ଚ ଙ୍କ ର କୌଣସି ପ୍ରତିକ୍ରିୟା ମିଳିନାହିଁ । ଏଭଳି ଯଦି ହୁଏ ତେବେ ପ୍ରକୃତ ହିତାଧିକାରୀ କଣ କରିବେ।

# ଏକାଠି ହେଲେ ଜବାହର ସ୍ମୃତି ବିଦ୍ୟାପୀଠର ସହପାଠୀ





**ଜଗତସିଂହପୁର, ୧୭।୬ :** ରଜ ପର୍ବର ଉତ୍ସବମୁଖର ପରିବେଶ ମଧ୍ୟରେ ଜଗତସିଂହପୁର ଜିଲ୍ଲା ରାହାମାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜବାହର ସ୍ମୃତି ବିଦ୍ୟାପୀଠର ୧୯୯୨ ମସିହା ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବାର୍ଷିକ ବନ୍ଧୁମିଳନ ଓ ସ୍ମୃତି ଦିବସ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି। ଦୀର୍ଘ ବର୍ଷ ପରେ ସହପାଠୀମାନଙ୍କ ଏହି ମିଳନ ଉତ୍ସବ ହସ, ଖୁସି, ଭାବନା ଓ ଅଭୁଲା ସ୍ମୃତିରେ ଭରିଯାଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବ୍ୟାଚର ସଦସ୍ୟମାନେ ଏକାଠି ହୋଇ ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିଶ୍ୱ ଶାନ୍ତି, ସାମାଜିକ ସଦ୍ଭାବନା ଓ ଜଗତ କଲ୍ୟାଣ କାମନା କରି ପୂଜାର୍ଚ୍ଚନା କରିଥିଲେ। ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ପୁରୁଣା ଦିନର ସ୍ମୃତିକୁ ମନେପକାଇଥିଲେ। ସ୍କୁଲ ଜୀବନର ଦୁଷ୍ଟାମି, ପାଠପଢ଼ା, ଶିକ୍ଷକଙ୍କ ସହ ବିତାଇଥିବା ମୁହୂର୍ତ୍ତ ଓ ବିଭିନ୍ନ ଘଟଣାକୁ ନେଇ ଦୀର୍ଘ ସମୟ ଧରି ସ୍ମୃତିଚାରଣ ଚାଲିଥିଲା। ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ଦୂରଦୁରାନ୍ତରରୁ ଆସିଥିବା ପୁରାତନ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ସ୍ମରଣୀୟ କରିଥିଲା। ରଜ ପର୍ବର ସାଂସ୍କୃତିକ ମହତ୍ତ୍ୱ, ପ୍ରକୃତି ପ୍ରତି ସମ୍ମାନ, ନାରୀ ସଶକ୍ତିକରଣ ଓ ସାମାଜିକ ଏକତା ଭଳି ପ୍ରସଙ୍ଗ ଉପରେ ମଧ୍ୟ ବନ୍ଧୁମାନେ ଆଲୋଚନା କରିଥିଲେ। ଆଧୁନିକ ବ୍ୟସ୍ତ ଜୀବନ ମଧ୍ୟରେ ମଧ୍ୟ ବନ୍ଧୁତ୍ୱର ବନ୍ଧନକୁ ଅତୁଟ ରଖିବା ଓ ସମାଜ ପାଇଁ ସକାରାତ୍ମକ ଭୂମିକା ନିଭାଇବାକୁ ସମସ୍ତେ ମତ ପ୍ରକାଶ କରିଥିଲେ। ମିଳନ ଉତ୍ସବରେ ଆନନ୍ଦ ଓ ଆତ୍ମୀୟତାର ପରିବେଶ ଦେଖିବାକୁ ମିଳିଥିଲା। ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ପରେ ସମସ୍ତେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବନ କରିଥିଲେ। ଶେଷରେ ସାମୂହିକ ଫଟୋ ଉତ୍ତୋଳନ କରାଯାଇଥିବା ବେଳେ ବ୍ୟାଚ କୋଅର୍ଡିନେଟର ବଳରାମ ନାୟକ ଉପସ୍ଥିତ ସମସ୍ତ ସହପାଠୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ବନ୍ଧୁମିଳନ କେବଳ ଏକ ସାଧାରଣ ସମାବେଶ ନୁହେଁ, ବରଂ ଦୀର୍ଘ ବର୍ଷର ସମ୍ପର୍କ, ସ୍ମୃତି ଓ ସ୍ନେହର ପୁନଃମିଳନ ବୋଲି ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ।

# ନିଯୁକ୍ତି, ପୁନର୍ବାସ ଓ ଥଇଥାନ ଦାବିରେ ବସୁନ୍ଧରା ଅଫିସ ଘେରାଉ

**ବଣାଇଁ, ୧୭।୬ :** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ସ୍ଥିତ ବସୁନ୍ଧରା ଠାରେ ବୁଧବାର ଦିନ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ନିଯୁକ୍ତି ପୁନର୍ବାସ ଓ ଥଇଥାନ ସହ ସମସ୍ତ କ୍ଷତିପୂରଣ ପ୍ରଦାନ ସମ୍ବନ୍ଧରେ ରତନସରା ଗ୍ରାମ ବାସି ଅତିରିକ୍ତ ଜିଲ୍ଲାପାଳଙ୍କ ଉଦେଶ୍ୟରେ ବସୁନ୍ଧରାର କାର୍ଯ୍ୟଳୟ ଘେରାଉ କରି ନୋଡାଲ ଅଫିସରଙ୍କ ଜରିଆରେ ୫ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଆମ୍ବେଦକର ଛକ ଠାରୁ ଏକ ରାଲି ବାହାରି ଜିଏମ କାର୍ଯ୍ୟଳୟ ପହଞ୍ଚି ଦାବି ପତ୍ର ପ୍ରଦାନ କରିଥିଲେ। ଘର କ୍ଷତିପୂରଣ ସଂପୂର୍ଣ୍ଣ,ଆଂଶିକ ଆସିନଥିବା ପରିବାର ଗୁଡ଼ିକର ଅଭିଯୋଗ ପରେ ପୁନଃ ସର୍ଭେ ଯାଞ୍ଚ କରି କ୍ଷତିପୂରଣ ପ୍ରଦାନ କରିବ, ପୁନର୍ବାସ କଲୋନୀ ସ୍ଥାନ ନିରୂପଣ କରି ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ରତନସରା ରାଜସ୍ୱ ଗ୍ରାମର ସମସ୍ତ ପରିବାରର ନିଯୁକ୍ତି ତାଲିକା ପ୍ରକାଶନ କରାଯାଉ, ଏଥିରେ ସିରିଏଲ୍ ଓ ଧାନ ସିଆଇଏଲ କରିବା ଉକ୍ତ ଆବେଶରେ କୌଣସି ସ୍ଥାନରେ ଉଲ୍ଲେଖ ନଥିବାରୁ ଏହାକୁ ଆଧାର କରି ନିଯୁକ୍ତି ତାଲିକା ପ୍ରକାଶ କରାନଯାଉ, ଜମି ଓ ଘର କ୍ଷତିପୂରଣ ବାବଦକୁ କ୍ଲେମ କମିଶନ ନିର୍ଧାରଣ କରିଥିବା କ୍ଷତିପୂରଣ ବିରୁଦ୍ଧରେ ଏମସିଏଲ କୋର୍ଟଙ୍କ ରହିତାଦେଶ ଆଦେଶ ଆଣନ୍ତୁ, ନତୁବା କ୍ଷତିପୂରଣ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ କରନ୍ତୁ, ମାନ୍ୟବର କ୍ଲେମ କମିଶନଙ୍କ ଆଦେଶ ଗୁଡ଼ିକର ପ୍ରାମାଣିକ ନକଲ କପି ସମସ୍ତ ପରିବାରକୁ ଶିଘ୍ର ପ୍ରଦାନ କରାଯାଉ,ଘର କ୍ଷତିପୂରଣ ବାବଦକୁ ଟଙ୍କା ବହୁତ କମ୍ ରହୁଥିବା ହେତୁ ଦିଆଯାଉଥିବା ଅଗ୍ରିମ ଟଙ୍କା ଦ୍ୱାରା ଜମି କିଣିବା ସମ୍ଭବ ନ ଥିବାରୁ ବ୍ୟାଙ୍କରେ ଅଧା ରହୁଥିବା ଫିକ୍ସ ଡିପୋଜିଟ୍ ବ୍ୟବସ୍ଥା ଉଚ୍ଛେଦ କରାଯାଉ। ଏହି ଦାବି ଗୁଡିକ ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବାସହ ଆବଶ୍ୟକ ସ୍ଥଳେ ଖଣି ବନ୍ଦ କରାଯିବ ବୋଲି ଗ୍ରାମବାସୀ ମାନଙ୍କ ତରଫରୁ ଚେତାବନୀ ଦିଆଯାଇଛି।

# 'ଜଙ୍ଗଲ କେବଳ ସମ୍ପତ୍ତି ନୁହେଁ, ଆମର ଶ୍ୱାସ, ଆମର ଜୀବନ'

**ବଣାଇଁ,୧୭।୬ :** 'ଜଙ୍ଗଲ ଆମର କେବଳ ସମ୍ପତ୍ତି ନୁହେଁ, ଏହା ଆମର ଶ୍ୱାସ, ଆମର ଜୀବନ ଓ ଅସ୍ତିତ୍ୱ।' ଏହି ଭାବନାକୁ ସାକାର କରି ଲହୁଣୀପଡ଼ା ବ୍ଲକର ରଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗମଲେଇ ଗ୍ରାମବାସୀ ଆଜି ନିଜର ଅତୁଟ ସଂକଳ୍ପ ଓ ଏକତାର ପରିଚୟ ଦେଇଛନ୍ତି ଗ୍ରାମସଭାରେ। ନିଜ ହାତରେ ପୋତିଥିବା ପ୍ରାୟ ୫୬ ହଜାର ଚାରାକୁ ବର୍ଷ ବର୍ଷ ଧରି ସେବା-ଯତ୍ନ କରି ଏକ ସବୁଜ ଜଙ୍ଗଲରେ ପରିଣତ କରିଥିବା ଗ୍ରାମବାସୀମାନେ ଆଜି ସେହି ଜଙ୍ଗଲକୁ ବଞ୍ଚାଇବା ପାଇଁ ଏକ ସ୍ୱରରେ ଆଗକୁ ଆସିଛନ୍ତି। ଗ୍ରାମ୍ୟ ଜଙ୍ଗଲ ଜମିକୁ କିସମ ପରିବର୍ତ୍ତନ କରାଯାଇ ଶିଳ୍ପ ସମ୍ପ୍ରସାରଣ ପାଇଁ ଭାସ୍କର ଷ୍ଟିଲ ଫେରୋ ଏଲୟ ଲିମିଟେଡ଼ କୁ ହସ୍ତାନ୍ତର କରିବା ପ୍ରସ୍ତାବକୁ ସେମାନେ ଗ୍ରାମସଭାରେ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି। ୱାର୍ଡ ସଭ୍ୟା ଶ୍ରୀମତୀ କୁନ୍ତଳା ପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗ୍ରାମସଭାରେ ୧୮ ଏକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି ଇଡକ୍କୋ ମାଧ୍ୟମରେ ଭାସ୍କର ଷ୍ଟିଲକୁ ହସ୍ତାନ୍ତର କରିବା ପ୍ରସ୍ତାବ ଉପସ୍ଥାପିତ ହେବାମାତ୍ରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷର ଝଡ଼ ସୃଷ୍ଟି ହୋଇଥିଲା। ଯେଉଁ ଜଙ୍ଗଲକୁ ସେମାନେ ନିଜ ସନ୍ତାନ ପରି ଲାଳନ-ପାଳନ କରିଛନ୍ତି, ସେହି ସବୁଜ ସମ୍ପଦକୁ କାରଖାନା ପାଇଁ ଉତ୍ସର୍ଗ କରିବା ଚିନ୍ତାକୁ ସେମାନେ କେବେବି ମାନିବାକୁ ପ୍ରସ୍ତୁତ ନୁହଁନ୍ତି ବୋଲି ପ୍ରବଳ ହଟଗୋଳ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଥିଲା ସ୍ପଷ୍ଟ ଓ ତୀବ୍ର। ସେମାନେ ପ୍ରଶ୍ନ ଉଠାଇଥିଲେ "ପୂର୍ବରୁ ଆମ ଜମି ଅଧିଗ୍ରହଣ ଏହି କାରଖାନା କରିଅଛି, କିନ୍ତୁ ଆମ ପିଲାମାନଙ୍କୁ କେତେ ରୋଜଗାର ମିଳିଲା ? ଗାଁର କେତେ ଉନ୍ନତି ହେଲା ?" ବିକାଶ ନାମରେ ପୁଣିଥରେ ପ୍ରକୃତି ଓ ଜନଜୀବନକୁ ବଳି ଦେବାକୁ ସେମାନେ ରାଜି ନୁହଁନ୍ତି। ଆଗାମୀ ପିଢ଼ି ପାଇଁ ସବୁଜ ଜଙ୍ଗଲ, ନିର୍ମଳ ବାୟୁ ଓ ସୁସ୍ଥ ପରିବେଶ ଛାଡ଼ିଯିବା ହିଁ ସେମାନଙ୍କ ମୂଳ ଲକ୍ଷ୍ୟ ବୋଲି ଗ୍ରାମସଭାରେ ଗ୍ରାମବାସୀ ଉପସ୍ଥାପନା କଲେ। ଏହି ଗ୍ରାମସଭାରେ ବଣାଇ ଉପଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଦାଶ, ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ର ତହସିଲଦାର ବାବୁଲାଲ ପେରେଇ ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ସରପଞ୍ଚ ଶ୍ରୀମତୀ ମାଳତୀ କିସାନ, ପିଇଓ କିରଣ ମୟୀ ବେହେରା, ୱାର୍ଡ ସଭ୍ୟା ସୁଲୋଚନା କିସାନ ଏବଂ ବହୁ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ସ୍ପଷ୍ଟ କରିଦେଇଛନ୍ତି ଯେ, ଯଦି କୌଣସି ପ୍ରକାର ଭୁଲ ତଥ୍ୟ କିମ୍ବା ଚାପ ପ୍ରୟୋଗ କରି ଜଙ୍ଗଲ ଜମି ହସ୍ତାନ୍ତର କରିବାର ଚେଷ୍ଟା କରାଯାଏ, ତେବେ ସେମାନେ ଆଇନଗତ ଲଢ଼େଇ ପାଇଁ ହାଇକୋର୍ଟ ଏବଂ ନେସନାଲ ଗ୍ରୀନ ଟ୍ରିବୁନାଲ (NGT)ର ଦ୍ୱାରସ୍ଥ ହେବେ। ପରମେଶ୍ୱର ସାହୁ, ଭୂଷଣ ପାଢ଼ୀ, ମହେଶ ପତି, ବିଭୂତି ଭୂଷଣ ପତି ଓ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ସାହୁ ଓ ଗ୍ରାମ ବାସୀ ଅଭିଭାଷଣ ଜରିଆରେ ବିରୋଧ କରିବା ସହିତ ଶତାଧିକ ଗ୍ରାମବାସୀ ଲିଖିତ ଭାବେ ନିଜର ବିରୋଧ ଜଣାଇଛନ୍ତି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati  Executive Editor : Satyajit Mohapatra  Managing Editor : Jitendra Ku. Pati